ବର୍ଷ-୨୬, ସଂଖ୍ୟା-୩୯
ଭୁବନେଶ୍ୱର
୦୯, ଫେବୃଆରୀ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 39
Bhubaneswar
09, February, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat


୫ ରନରେ ହାରିଲା ନେପାଳ

# ଭାରତ-ମାଲେସିଆ ମଧ୍ୟରେ ୧୧ ଚୁକ୍ତିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ,୮।୨: ୨୦୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ବିଦେଶ ଗସ୍ତ ଭାରତ ଏବଂ ମାଲେସିଆ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗୀତାକୁ ନୂତନ ଉଚ୍ଚତାରେ ପହଂଚାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମାଲେସିଆର ପ୍ରଧାନମନ୍ତ୍ରୀ ମହାମହିମ ଦାତୋ ସେରି ଅନୱର ଇବ୍ରାହିମ ରବିବାର ପୁତ୍ରଜାୟାର ପର୍ଦାନା ପୁତ୍ର ପରିସରରେ ଫଳପ୍ରଦ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଥିଲେ।

ଆଲୋଚନା ପରେ, ଦୁଇ ନେତାଙ୍କ ଉପସ୍ଥିତିରେ ମୋଟ୍ ୧୧ଟି ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଏବଂ ଚୁକ୍ତିନାମା ଆଦାନପ୍ରଦାନ କରାଯାଇଥିଲା। ଏଥିରେ ଡିଜିଟାଲ୍ ପେମେଂଟ ଏବଂ ସୁରକ୍ଷା ସହଯୋଗ, ସେମିକଣ୍ଡକ୍ଟର ବିକାଶ, ସ୍ୱାସ୍ଥ୍ୟ ଏବଂ ଚିକିତ୍ସା, ଦୁର୍ନୀତି ବିରୋଧୀ ଏବଂ ବିପର୍ଯ୍ୟୟ ପରିଚାଳନା, ଭାରତୀୟ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ତଥା ବୈଷୟିକ ଶିକ୍ଷା ଏବଂ ମାଲେସିଆର ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସରେ ଯୋଗଦାନ ଅନ୍ତର୍ଭୁକ୍ତ।

ଏହା ପୂର୍ବରୁ ଆଜି ସକାଳେ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମାଲେସିଆର ପ୍ରଧାନମନ୍ତ୍ରୀ ମହାମହିମ ଦାତୋ ସେରି ଅନୱର ଇବ୍ରାହିମ ପର୍ଦାନା ପୁତ୍ର କମ୍ପ୍ଲେକ୍ସରେ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିଥିଲେ। ଏହା ପରେ, ଦୁଇ ନେତା ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସରକାରୀ ବାସଭବନ ସେରି ପର୍ଦାନାରେ ନିରନ୍ତର ଏବଂ ପ୍ରତିନିଧିମଣ୍ଡଳ ସ୍ତରୀୟ ବୈଠକ କରିଥିଲେ। ନେତାମାନେ ବ୍ୟାପକ ଆଲୋଚନା କରିଥିଲେ ଏବଂ ୨୦୨୪ ମସିହାରେ ଦୁଇ ଦେଶ ମଧ୍ୟରେ ପ୍ରତିଷ୍ଠିତ ବ୍ୟାପକ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବାକୁ ସହମତ ହୋଇଥିଲେ।



ସେମାନେ ଶତାବ୍ଦୀ ପୁରୁଣା ଭାରତ-ମାଲେସିଆ ସମ୍ପର୍କ ଏବଂ ସହଭାଗୀତାକୁ ଭିତି କରି ନିର୍ମିତ ଘନିଷ୍ଠ ଲୋକ ସମ୍ପର୍କକୁ ମନେ ପକାଇଥିଲେ। ନେତାମାନେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ କ୍ଷେତ୍ର, ସ୍ୱଚ୍ଛ ଶକ୍ତି, ଭିତିଭୂମି, ଷ୍ଟାର୍ଟଅପ୍, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆୟୁର୍ବେଦ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ସମ୍ପର୍କ ଭଳି ପ୍ରାଥମିକତା କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର ପରିସର ସମୀକ୍ଷା କରିଥିଲେ।

ରବିବାର ମାଲେସିଆ ଗସ୍ତର ଦ୍ୱିତୀୟ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ମାଲେସିଆରେ ଭାରତୀୟ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ସୋସିଆଲ ସିକ୍ୟୁରିଟି ଏଗ୍ରିମେଂଟ, ପର୍ଯ୍ୟଟନ ପାଇଁ ଗ୍ରାଟିସ୍ ଇ-ଭିଜା ଏବଂ ଡିଜିଟାଲ ଇଂଟରଫେସ୍ ୟୁପିଆଇକୁ ମାଲେସିଆରେ ଲାଗୁ କରାଯିବା ପରି ପଦକ୍ଷେପ ଦୁଇ ଦେଶର ନାଗରିକମାନଙ୍କ ଜୀବନକୁ ଅଧିକ ସହଜ କରିବ। ସେ କହିଛନ୍ତି ଯେ, ଆଜିର ଚ୍ୟାଲେଞ୍ଜମାନଙ୍କ ସମାଧାନ ପାଇଁ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକର ସୁଧାର ଆବଶ୍ୟକ।

ଭାରତ ଓ ମାଲେସିଆ ସମସ୍ତ ଶାନ୍ତି ପ୍ରୟାସକୁ ସମର୍ଥନ ଜାରି ରଖିବେ ଏବଂ ଆତଙ୍କବାଦ ପ୍ରସଙ୍ଗରେ ଉଭୟ ଦେଶର ବାର୍ତ୍ତା ସ୍ପଷ୍ଟ — "ନୋ ଡବଲ୍ ଷ୍ଟାଣ୍ଡାର୍ଡସ୍, ନୋ କମ୍ପ୍ରୋମାଇଜ୍"।

ମାଲେସିଆର ପ୍ରଶାସନିକ ଓ ନ୍ୟାୟିକ ରାଜଧାନୀ ପୁତ୍ରାଜାୟାରେ ମାଲେଶିଆର ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମଙ୍କ ସହିତ ମିଳିତ ପ୍ରେସମିଟକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ଭାରତ ଓ ମାଲେଶିଆର ସମ୍ପର୍କ ଅତ୍ୟନ୍ତ ବିଶେଷ। ଉଭୟ ଦେଶ ସମୁଦ୍ର ପଡ଼ୋଶୀ ଏବଂ ଶତାବ୍ଦୀଧରି ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ଗଭୀର ଓ ଆତ୍ମୀୟ ସମ୍ପର୍କ ରହିଆସିଛି। ଆଜି ମାଲେସିଆ ଭାରତୀୟ ମୂଳର ଜନସଂଖ୍ୟା ଥିବା ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଦେଶ, ଯାହା ଉଭୟ ଦେଶ ମଧ୍ୟରେ ମାନବୀୟ ସମ୍ପର୍କର ଦୃଢତାକୁ ପ୍ରମାଣ କରେ।

# ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି- ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୮।୨(ମହାଭାରତ): ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି। ଯିଏ ଆନ୍ଦୋଳନ କରୁଛନ୍ତି ସେମାନେ ଚାଷୀ ନୁହନ୍ତି ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି ଗତବର୍ଷ ସେମାନେ ୫୦୦ କ୍ୱିଂଟାଲ ଧାନ ବିକିଥିଲେ ଏଥର କ୍ୟାପ୍ସ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି। ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ। ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ଧିରେ ହେଉଛି। ପରବର୍ତ୍ତୀ ସମୟରେ ସେ ଧାନ କୁ ଉଠାଯାଉଛି। ଯେଉଁ ମାନଙ୍କର ଟୋକେନ୍ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୫ ଦିନ ତିକ୍ନ ଅବଧି ବୃଦ୍ଧି କରାଯାଉଛି। ଚଳିତବର୍ଷ ଅଧିକ ଚାଷ ହୋଇଛି। ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି। ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି। ସେଥିରେ ସେମାନେ ସଫଳ ହେବେନି। ସମସ୍ତଙ୍କ ଧାନ ଉଠିବ ବୋଲି ମନ୍ତ୍ରୀ କହିଛନ୍ତି।

ମବାୟ ମନ୍ତ୍ରୀଙ୍କ ଫେକ୍ ଚାଷୀ ମନ୍ତବ୍ୟକୁ କାଉଂଟର କଲା ବିଜେଡ଼ି । ସରକାର ଫେକ୍ ଚାଷୀଙ୍କ ତାଲିକା ଦିଅନ୍ତୁ ବୋଲି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି । ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି । ସରକାର ଧାନ କିଣାରେ ବିଫଳ । ଚାଷୀ ବିଜେପି ଯେଉଁ ପ୍ରସ୍ତୁତି କରୁଛି, ତାହା ମରାମତି ଚାଲିଛି । ୧୮ ମାସରେ ସରକାରୀ ଦଳ ଭାଗ ଭାଗ ହେଲେଣି ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସାଂସଦ ସହ ବିଧାୟକଙ୍କ ପଡୁନି । ତେଣୁ ମରାମତି ହେଉଛି । ଗ୍ରାଉଣ୍ଡରୁ ବିଜେପି ଯାଉଛି । ବିଜେଡି ଲୋକଙ୍କ ସମସ୍ୟା ନେଇ ଯାଉଛି । ଚାଷୀ ସମସ୍ୟା ନେଇ ପ୍ରତି ଜିଲ୍ଲାରେ ଆନ୍ଦୋଳନ ହେଉଛି ।. ଆଇନ ଶୃଙ୍ଖଳା ନାହିଁ । ଗଣଧର୍ଷଣ ଓ ହତ୍ୟା ହୃଦୟ ବିଦାରକ । ଏହାକୁ ନେଇ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରୁଛି । ପଂଚାୟତ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ ବୋଲି ସେ କହିଛନ୍ତି ।

# ପରୀକ୍ଷା ପରିଚ୍ଛାଳନାରେ ଅବହେଳାକୁ ବରଦାସ୍ତ କରାଯିବନି : ମୁଖ୍ୟ ସଚିବ



ଭୁବନେଶ୍ୱର,୮।୨(ମହାଭାରତ):ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବୃୟାରୀ ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବୃୟାରୀରୁ ୧୯ରୁ ଅନୁଷ୍ଠିତ ହେବ । ଶୃଙ୍ଖଳିତ ପରୀକ୍ଷା ପରିଚ୍ଛାଳନା ନେଇ ମୁଖ୍ୟ ଶାସନ ସଚ୍ଚିବ ଅନୁ ଗର୍ଗ ଅଧକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ପରୀକ୍ଷା ପରିଚ୍ଛାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟ ଶାସନ ସଚ୍ଚିବ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ ।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚ୍ଚିବ ଡ଼ଃ. ଏନ୍ ତିରୁମାଲା ନାଏକଙ୍କ ସମେତ ଉଚ୍ଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚ୍ଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପ ସଭାପତି ଅମୁଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚ଼କ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚ୍ଛାଳନା ନେଇ ତଥ୍ୟ ରଖିଥିଲେ ।

ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରୋନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି । ପରୀକ୍ଷା ପରିଚ୍ଛାଳନା ସଂପର୍କିତ ନିୟମ ବା ବିଧାନର ଉଲଘଂନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚ୍ଚିବ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ନୋଡାଲ ଅଧିକାରୀଙ୍କ ପାଖରେ ପରୀକ୍ଷା ପରିଚ୍ଛାଳନା ମାର୍ଗଦର୍ଶିକା ରହିବା ଓ ଏହାକୁ ଅନୁସରଣ କରିବାକୁ ମୁଖ୍ୟ ସଚ୍ଚିବ ନିର୍ଦ୍ଦେଶ ଦେଇଛନ୍ତି ।

## ନୂତନ ଡିଜିଟାଲ୍ ପରିବର୍ତ୍ତନ ଦ୍ୱାରଦେଶରେ ଦଣ୍ଡାୟମାନ ଓଡିଶା

# ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୮।୨(ମହାଭାରତ): ଓଡ଼ିଶା ଏକ ନୂତନ ଡିଜିଟାଲ୍ ପରିବର୍ତ୍ତନ ଯୁଗର ଦ୍ୱାରଦେଶରେ ଠିଆ ହୋଇଛି। ଐତିହାସିକ ଭାବରେ, ରାଜ୍ୟରେ ପ୍ରଚୁର ଭୌତିକ ସାମର୍ଥ୍ୟ ରହିଆସିଛି । ଏହା ଖଣିଜ ପଦାର୍ଥରେ ସମୃଦ୍ଧ, ଶକ୍ତି ବଳକା ଏବଂ ଶିଳ୍ପ ବିକାଶରେ ଦୃଢ଼ ରହିଛି । ଏହି ରଣନୀତିକ ସୁବିଧାକୁ ଡିଜିଟାଲ୍ ଇଣ୍ଟେଲିଜେନ୍ସରେ ପରିବର୍ତ୍ତନ ଲାଗି ପ୍ରୟାସ କରାଯାଉଛି । ଏକ ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷମତା ହବ୍ ବିକାଶ ପାଇଁ ଓଡ଼ିଶା ସର୍ବମ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଓଡ଼ିଶାକୁ ଭାରତର ଅଗ୍ରଣୀ ଏଆଇ କ୍ଷମତା ପ୍ରଦାନକାରୀ ଭାବରେ ଉଭା କରିଛି।



ରାଜ୍ୟରେ ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ସର୍ବମ୍ ଏଆଇ ଓଡ଼ିଶା ସରକାରଙ୍କ ସହାୟତାରେ ୨୫ ହଜାର ଜିପିୟୁ ହୋଷ୍ଟ କରିବାକୁ ସକ୍ଷମ ଏକ ୫୦ ମେଗାୱାଟ୍ ଏଆଇ ଅପ୍ଟିମାଇଜ୍ଡ ସୁବିଧା ବିକଶିତ କରିବାକୁ ଯୋଜନା କରିଛି। ଏହି ଭିତ୍ତିଭୂମିକୁ ଦ୍ୱିତ ଉଦ୍ଦେଶ୍ୟ ନେଇ ଡିଜାଇନ୍ କରାଯିବ। ପ୍ରଥମତଃ, ଏହା ରାଜ୍ୟର ଏଆଇ ସାର୍ବଜନୀନ ଉପଯୋଗୀତା ଭାବରେ କାର୍ଯ୍ୟ କରିବ। ଏହା ଇ-ଗଭର୍ଣ୍ଣାନ୍ସ, ସାଟେଲାଇଟ୍ ଏବଂ ପାଣିପାଗ ତଥ୍ୟ ବ୍ୟବହାର କରି କୃଷି ପରାମର୍ଶ, ସ୍ୱାସ୍ଥ୍ୟସେବା ଟ୍ରାଇଏଜ୍ ଏବଂ ନାଗରିକ ସହାୟତା ତଥା ବହୁଭାଷୀ ନାଗରିକ ସେବା ଇଣ୍ଟରଫେସ୍କୁ ସମର୍ଥନ କରିବ। ଫଳରେ ଜନସଂଖ୍ୟା ସ୍ତରରେ ଅଧିକ ସୁଲଭ ଏବଂ ପ୍ରତିକ୍ରିୟାଶୀଳ ଜନସେବାକୁ ସକ୍ଷମ କରାଯାଇପାରିବ।ଦ୍ୱିତୀୟତଃ, ଏହା ଓଡ଼ିଶାକୁ ଭାରତର କମ୍ପ୍ୟୁଟ୍ ମେରୁଦଣ୍ଡ ଭାବରେ ସ୍ଥାନିତ କରିବ। ଯଦି ସାର୍ବଭୌମ କ୍ଷମତା ବ୍ୟାପକ ଭାବେ ନିର୍ମାଣ କରା ନ ଯାଏ, ତେବେ ଭାରତର ଏଆଇ ଅଭିବୃଦ୍ଧି କମ୍ପ୍ୟୁଟ୍-ସୀମିତ ହେବ। ତେଣୁ, ଏହି ହବ୍ କେବଳ ଓଡ଼ିଶାକୁ ସେବା କରିବ ନାହିଁ ବରଂ ଅନ୍ୟ ରାଜ୍ୟ ଏବଂ ଜାତୀୟ ପ୍ଲାଟଫର୍ମଗୁଡ଼ିକୁ ନିର୍ଭରଯୋଗ୍ୟ, ଉତ୍ପାଦନ-ଗ୍ରେଡ୍ ଏଆଇ କ୍ଷମତା ପ୍ରଦାନ କରି ଏକ ଦେଶବ୍ୟାପୀ କମ୍ପ୍ୟୁଟ୍ ଗ୍ରୀଡ୍ ପ୍ରଦାନ କରିବ।ପୂର୍ଣ୍ଣ ସ୍ତରରେ, ଏହି ପଦକ୍ଷେପ ହଜାର ହଜାର ଅଧିକ ଉଚ୍ଚ୍ଚ-କୁଶଳୀ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ଏବଂ ସାର୍ବଭୌମ ଏଆଇ ଭିତ୍ତିଭୂମିରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ ବୋଲି ଆଶା କରାଯାଉଛି ।

# ଅସନ୍ତୋଷ ଝାଡିଲେ ସୋଫିଆ

ଭୁବନେଶ୍ୱର,୮।୨(ମହାଭାରତ): କଟକର ନେତା ବିଶ୍ୱଜିତ ମହାନ୍ତିଙ୍କ କଂଗ୍ରେସରେ ଯୋଗଦାନକୁ ନେଇ ବିଧାୟିକା ସୋଫିଆ ଫିରଦୌସ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କୁ ପୂର୍ବରୁ ଅବଗତ କରାଯାଇନଥିବା କହି ସେ ପରୋକ୍ଷରେ ନିଜ ଅସନ୍ତୋଷ ଝାଡ଼ିଛନ୍ତି।ବିଧାୟିକା ସୋଫିଆ କହିଛନ୍ତି ଯେ କଟକର ଜଣେ ନେତା କଂଗ୍ରେସରେ ଯୋଗଦେଇଥିବା ବିଷୟ ସେ ସୋସିଆଲ୍ ମିଡିଆ ମାଧ୍ୟମରେ ଜାଣିବାକୁ ପାଇଛନ୍ତି। "ଏପରି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଯୋଗଦାନ ସମ୍ପର୍କରେ ଆମକୁ ପୂର୍ବରୁ ଅବଗତ କରାଯିବା ଉଚିତ୍ ଥିଲା," ବୋଲି ସେ କହିଛନ୍ତି।

# ସମାନ ନାଗରିକ ସଂହିତାର ବିଚାର ଭଲ ଅଟେ : ଭାଗବତ

ମୁମ୍ବାଇ,୮।୨(ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡା. ମୋହନ ଭାଗବତ ରବିବାର ମୁମ୍ବାଇରେ କହିଛନ୍ତି ଯେ ସମାନ ନାଗରିକ ସଂହିତାର ଧାରଣା ଭଲ। ବିବିଧତା ପ୍ରତି ଆମର କୌଣସି ବିରୋଧ ନାହିଁ। ଯଦି ସମାନତା ଦ୍ୱାରା ଦେଶର ଏକତା ମଜବୁତ ହୁଏ, ତେବେ ଆମେ ତାହାକୁ ସମର୍ଥନ କରୁଛୁ। ସେ ଏହା ମଧ୍ୟ କହିଛନ୍ତି ଯେ ସ୍ୱାତନ୍ତ୍ର୍ୟବୀର ବିନାୟକ ଦାମୋଦର ସାବରକରଙ୍କୁ ଯଦି ଭାରତ ରତ୍ନ ମିଳେ, ତେବେ ସେହି ସମ୍ମାନର ମର୍ଯ୍ୟାଦା ଆଉ ବଢ଼ିବ।

ସଂଘ ପ୍ରମୁଖ ଡା. ଭାଗବତ ଆଜି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ଥାପନାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ମୁମ୍ବାଇରେ ଆୟୋଜିତ "ନୂତନ କ୍ଷିତିଜ" କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର ଦ୍ୱିତୀୟ ସତ୍ରକୁ ସମ୍ବୋଧନ କରିଛନ୍ତି। ସେ ତାଙ୍କ ଭାଷଣରେ କହିଛନ୍ତି ଯେ ସମାନ ନାଗରିକ ସଂହିତାର ଧାରଣା ଭଲ। ବିବିଧତା ପ୍ରତି ଆମର କୌଣସି ବିରୋଧ ନାହିଁ। ଯଦି ସମାନତା ଦ୍ୱାରା ଦେଶର ଏକତା ଶକ୍ତିଶାଳୀ ହୁଏ, ତେବେ ଆମେ ତାହାକୁ ସମର୍ଥନ କରୁଛୁ। ଏହାକୁ ନେଇ ସଂଘର୍ଷର ପରିସ୍ଥିତି ସୃଷ୍ଟି ହେବା ଉଚିତ୍ ନୁହେଁ।

ସେ କହିଛନ୍ତି ଯେ ଉତ୍ତରାଖଣ୍ଡ ରାଜ୍ୟ ସମାନ ନାଗରିକ ସଂହିତା ସମ୍ପର୍କରେ ପ୍ରଥମେ ପ୍ରସ୍ତାବ ରଖିଥିଲା, ପରେ ଲୋକମାନଙ୍କର ସୁପାରିଶ ମାଗିଥିଲା, ଯେଉଁଥିରେ ପ୍ରାୟ ତିନି ଲକ୍ଷ ସୁପାରିଶ ଆସିଥିଲା। ତାହା ପରେ ଆଇନ ତିଆରି କରାଯାଇଥିଲା। କେବଳ ଆଇନ ହେବା ପର୍ଯ୍ୟାପ୍ତ ନୁହେଁ, ଆଇନର ପାଳନ ହେବା ଆବଶ୍ୟକ।

ଏସବୁ ସତ୍ତ୍ୱେ ଆମେ ବିବିଧତାରେ ଏକତାର ପକ୍ଷପାତୀ। ଆମେ ଏକ ସମାଜ, ଆମକୁ ଅଳ୍ପସଂଖ୍ୟକ ଓ ବହୁସଂଖ୍ୟକ ଭାବେ ଭାବିବା ଉଚିତ୍ ନୁହେଁ। ଅଲଗା ଅଲଗା ହେଲେ ଆମେ ସମସ୍ତେ ଅଳ୍ପସଂଖ୍ୟକ ହୋଇଯାଉଛୁ।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା, ୮ ମୃତ

କଣ୍ଟାବାଞ୍ଜି/ଗଜପତି/ପଟାଙ୍ଗି,୮।୨(ମହାଭାରତ): ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ୮ ଜଣଙ୍କ ଜୀବନ ଯାଇଛି।

ବଲାଙ୍ଗୀରଜିଲ୍ଲା ତୁରେକେଲା ଥାନା ପଣ୍ଡରେନ ଗାଁ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ୪ ଜଣଙ୍କ ଜୀବନ ଯାଇଛି ।ମୃତକଙ୍କ ମଧ୍ୟରେ ଜଣେ ୬ ବର୍ଷୀୟ ଶିଶୁ, ଜଣେ ମହିଳାଙ୍କ ସମେତ ଗୋଟିଏ ପରିବାରର ୩ ଜଣ ଥିବାବେଳେ ସେମାନଙ୍କ ସଂପର୍କୀୟ ଜ୍ୱାଇଁ ମଧ୍ୟ ପ୍ରାଣ ହରାଇଛନ୍ତି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର ଗୋଟିଏ ପରିବାରର ୩ ଜଣ କ୍ଷୀର ପୁଟେଲ (୫୫), ତାଙ୍କ ସ୍ତ୍ରୀ କୁନି ପୁଟେଲ ଏବଂ ନାତି ଦେବାଶିଷ ପୁଟେଲ (୬) ରବିବାର ସକାଳେ ତାଙ୍କ ସମ୍ପର୍କୀୟ ଘର ତୁରେକେଲା ଥାନା ଅର୍ନ୍ତଗତ ଧଉରାଖମନ ଗାଁକୁ ଯାଇଥିଲେ। ସଂଧ୍ୟା ୫.୩୦ ମିନିଟ୍‌ରେ ସମ୍ପର୍କୀୟ ଜ୍ୱାଇଁ ଧଉରାଖମନ ଗାଁର ମୋହନ ପୁଟେଲ୍ ବାଇକ୍‌ରେ ସେମାନଙ୍କୁ ତାଙ୍କ ଗାଁକୁ ଛାଡ଼ିବାକୁ ଆସୁଥିଲେ। ପଣ୍ଡରେନ ଗାଁଠାରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର୍ ମାରିଥିଲା ।ଘଟଣାସ୍ଥଳରେ କ୍ଷୀର ଏବଂ ଦେବାଶିଷଙ୍କ ମୃତ୍ୟୁ ଘଟିଥିଲା। କୁନି ଏବଂ ମୋହନଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ସେମାନଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର କଣ୍ଟାବାଞ୍ଜି ଡାକ୍ତରଖାନାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଘଟଣା କେମିତି ହେଲା, କେଉଁ ଗାଡ଼ି ଧକ୍କାଦେଲା ସେନେଇ ପୁଲିସ ତନାଘନା ଆରମ୍ଭ କରିଛି ତୁରେକେଲା ପୁଲିସ ସମସ୍ତ ରାସ୍ତାରେ ଯାଞ୍ଚ କରୁଥିବା ବେଳେ କଣ୍ଟାବାଞ୍ଜି ପୁଲିସ ମଧ୍ୟ ଏହାର ତଦନ୍ତ କରୁଛି । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ମଧ୍ୟ ପୁଲିସ ଯାଞ୍ଚ କରୁଛି । ଆସନ୍ତାକାଲି ଶବ ଗଣ୍ଡିକର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ନ୍ୟାୟ ଓ କ୍ଷତିପୂରଣ ଦାବିରେ ଆସନ୍ତାକାଲି ରାସ୍ତାରୋକ କରାଯିବ ବୋଲି ସୂଚନା ମିଳିଛି ।ଏ ବାବଦରେ ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି, ଆମେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛୁ।

ସେହିପରି କୋରାପୁଟଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି-ଅମ୍ବାବାଲି ରାସ୍ତାର ପେଟୁରୁ ଛକ ନିକଟରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପାଞ୍ଚ ଜଣ ଗୁରୁତର ହୋଇଥିବା ଜଣାପଡିଛି ।ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ପଟାଙ୍ଗି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟସ୍ଥିତ ସହିଦ ଲକ୍ଷଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। କି ଆନ୍ଧ୍ର ସାଲୁର ମଣ୍ଡଳର ବାରିଗାଁର ଏକ ପରିବାର ନିଜ ବାଇକ (ଏପି୩୯ଡିଏସ୫୬୦୧) ଯୋଗେ ଗୋଟିଏ ପରିବାରର ସେଡା ଆପାନା, ସ୍ତ୍ରୀ ସେଡା ଅନିତା, ୫ ବର୍ଷ ବୟସର ଝିଅ ଓ ୨ ବର୍ଷ ବୟସର ପୁଅକୁ ନେଇ ଅମ୍ବାବାଲି ଗ୍ରାମପଞ୍ଚାୟତର ଗୁମୁଡୁପାଡୁ ଗ୍ରାମକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ ଯୋଗେ ଚିନ୍ତା ଏକୁବୁ, ସଙ୍କେଲି କୃପା, ମୁଷୁରୀ ସିନାୟ ଆସୁଥିଲେ ପେଟୁରୁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେଡା ଅନିତା ଓ ଅନ୍ୟ ବାଇକ୍‌ର ଚିନ୍ତା ଏକୁବୁଙ୍କ ମୃତ୍ୟୁ ହୋଇଥିବା ବେଳେ ସେଡ଼ା ଆପାନା ତାଙ୍କ ପୁଅ ଝିଅ ଓ ସଙ୍କେଲି କୃପା, ମୁଷୁରୀ ସିନାୟ ଗୁରୁତର ଅବସ୍ଥାରେ କୋରାପୁଟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଘଟଣା ସ୍ଥଳରେ ସୁଙ୍କି ପୁଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



ଓଡ଼ିଶାର ସୁନାପୁରମରୁ ସାତ ଜଣ ଲୋକ ସକାଳୁ ସକାଳୁ ଏକ କାରରେ ଶ୍ରୀକାକୁଲମ ଅଭିମୁଖେ ଯାତ୍ରା କରୁଥିଲେ। ଜାତୀୟ ରାଜପଥର ନନ୍ଦିଗାମ ନିକଟରେ ଛିଡ଼ା ହୋଇଥିବା ଏକ ଆଇଚର ଭ୍ୟାନ୍ ସହିତ କାରର ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଡାଳିଆ। (୪୬) ଏବଂ ମୋହିନାମ୍ମା (୫୦)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ପାଞ୍ଚ ଜଣ ଆହତଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଟେକ୍କାଲିସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ସମାରୋହ

# ପବିତ୍ର ମୋହଙ୍କ ପ୍ରେରଣାରେ ଶିକ୍ଷା ଓ କୃଷିର ବିକାଶ ପାଇଁ ସମର୍ପିତ ହେବା : ଧର୍ମେନ୍ଦ୍ର ପ୍ରଧାନ

ପାଲଲହଡ଼ା/ପବିତ୍ରନଗର,୮।୨(ମହାଭାରତ): ଓଡ଼ିଶାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରି ସମାଜରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ । ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ନିଜ ନିଜ ଅଂଚଳରେ ବିଶେଷତଃ ଶିକ୍ଷା ଓ କୃଷିର ବିକାଶ ଦିଗରେ ସମର୍ପିତ ହେବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ରବିବାର ଅନୁଗୋଳ ପାଲଲହଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପବିତ୍ରନଗର ଠାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ଗରିମାମୟ ଉପସ୍ଥିତିରେ ପ୍ରଜାମଣ୍ଡଳ ଆନ୍ଦୋଳନର ମହାନାୟକ ତଥା ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ରାଜ୍ୟପାଳ ପବିତ୍ର ନଗର ଠାରେ ଏହି ମହାନାୟକଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଏବଂ 'ସ୍ମୃତିପୀଠ' ଉନ୍ମୋଚନ କରିଥିଲେ । ଏହାସହ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପିତ କରିଥିଲେ ରାଜ୍ୟପାଳ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସମୟରେ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି 'ପବିତ୍ର ମୋହନ ପ୍ରଧାନ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ପବିତ୍ର ନଗର ଠାରେ ଉନ୍ମୋଚିତ ହୋଇଥିବା ତାଙ୍କର ଏହି ପ୍ରତିମୂର୍ତ୍ତି ଓ ସ୍ମୃତିପୀଠ ଆଗାମୀ ପିଢ଼ି ପାଇଁ ତ୍ୟାଗ ଓ ସେବାର ଏକ ଜ୍ୱଳନ୍ତ ନିଦର୍ଶନ ହୋଇ ରହିବ । ଆଜି ଲୋକାର୍ପିତ ଓ ଭିତ୍ତିପ୍ରସ୍ତର ହୋଇଥିବା ବିକାଶମୂଳକ କାର୍ଯ୍ୟ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତି ଆମର ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି, ଯାହା ଏହି ଅଂଚଳର ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ । ତନ୍ମଧ୍ୟରୁ ଖମାର ଠାରେ ୧୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଂଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ।



ସେ କହିଛନ୍ତି ଯେ ପବିତ୍ର ମୋହନ ପ୍ରଧାନଙ୍କ 'ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ' – ତାଙ୍କର ଏହି ଦର୍ଶନ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଶିକ୍ଷା ନୀତିରେ ପ୍ରତିଫଳିତ ହେଉଛି । ଆଜିର ଆର୍ଟିଫିସିଆଲ ଇଂଟେଲିଜେନ୍ସ(ଏଆଇ) ଯୁଗରେ ପିଲାମାନେ କେବଳ ଶିକ୍ଷିତ ନୁହେଁ, ବରଂ 'ୱେଲଥ୍ କ୍ରିଏଟର' ହୋଇ ସ୍ୱାଭିମାନର ସହ ବଂଚିବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ତେବେ ପାଲଲହଡ଼ା ଓ ତାଳଚେର ଅଂଚଳରେ ଶିକ୍ଷା ଏବଂ କୃଷିର ବିକାଶ ଦିଗରେ ସମର୍ପିତ ହେବା ହିଁ ପବିତ୍ର ବାବୁଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ପ୍ରକାଶ କରିଛନ୍ତି।

ଉଲ୍ଲେଖନୀୟ ଯେ ଆଜି ରାଜ୍ୟପାଳଙ୍କ କରକମଳରେ ପାଲଲହଡ଼ା ନିର୍ବାଚନମଣ୍ଡଳୀ ପାଇଁ ପ୍ରାୟ ୧୫୩ କୋଟି ଟଙ୍କାର ୨୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୬ କୋଟି ଟଙ୍କାର ୬ଟି ପ୍ରକଳ୍ପର ଉଦଘାଟିତ ହୋଇଛି । ପବିତ୍ର ମୋହନଙ୍କ ସ୍ମୃତିକୁ ସମ୍ମାନ ଜଣାଇ ପବିତ୍ରନଗର ଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମୃତି ପୀଠ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଛି । ଖମାର ଠାରେ ୧୧ କୋଟି ଟଙ୍କାର ସିଏଚସି ଭବନ ଏବଂ ପବିତ୍ରନଗର ଓ ବିରୁ ଠାରେ ପିଏଚସି କୋଠାର ଉଦଘାଟନ ହୋଇଛି । ପବିତ୍ରନଗର ଡିଗ୍ରୀ କଲେଜରେ ୩.୬୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଏବଂ ପବିତ୍ରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ଗମନାଗମନ ସୁବିଧା ପାଇଁ ସମାକୋଇ ନଦୀ ଉପରେ ୩୦ କୋଟି ଟଙ୍କାରେ ହାଇଲେଭଲ ବ୍ରିଜ୍ ଏବଂ ୨୧.୮୭ କୋଟି ଟଙ୍କା ବ୍ୟୟରେ ଜାତୀୟ ରାଜପଥ-୬ରୁ ଜମାରଡିହି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ପାଲଲହଡ଼ାଠାରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ପବିତ୍ରନଗରରେ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ପାଇଁ ମଧ୍ୟ ଶିଳାନ୍ୟାସ ହୋଇଛି । ସମସ୍ତ ବିକାଶମୂଳକ କାର୍ଯ୍ୟ ପାଇଁ କେନ୍ଦ୍ରମନ୍ତ୍ରୀ ମାନ୍ୟବର ରାଜ୍ୟପାଳଙ୍କୁ ଧନ୍ୟବାଦ ଜଣାଇବା ସହ ଅଂଚଳବାସୀଙ୍କୁ ସାଧୁବାଦ ଜଣାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପାଲଲହଡ଼ା ବଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଛେନା ପୁର ମଣ୍ଡା ପିଠା



**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।

### ଖବର

## ବିଦେଶରେ ଅମିତାଭଙ୍କୁ ଅପମାନ



ଅମିତାଭ ବଚ୍ଚନ ନିକଟରେ ଟ୧୯ କ୍ରିକେଟ୍ ୱାର୍ଲଡ କପରେ ଟିମ୍ ଇଣ୍ଡିଆ ଜିତିବା ପରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯେଉଁ ମ୍ୟାଚରେ ଭାରତ ଇଂଲଣ୍ଡକୁ ୧୦୦ ରନରେ ପରାସ୍ତ କରିଛି । ଏହି ବିଜୟରେ ସେ ଦେଶକୁ ନମ୍ବର ୧ ବୋଲି କହିଛନ୍ତି । ଏଥିସହିତ ଏକ ଘଟଣା ସମ୍ପର୍କରେ ମଧ କହିଛନ୍ତି । ଅମିତାଭ ବଚ୍ଚନ ଲାଟେଷ୍ଟ ବ୍ଲଗ୍ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ତାଙ୍କ ପୁରୁଣା ସ୍ମୃତିକୁ ଫ୍ୟାନ୍ସଙ୍କ ସହ ସେୟାର କରିଛନ୍ତି । ତାଙ୍କୁ ଏକ ଫିଲ୍ମ ଫେଷ୍ଟିଭାଲକୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଅଭିତାଭ ବଚ୍ଚନ କୌଣସି ଦେଶର ନାଁ ଏଠାରେ ନେଇନାହାଁନ୍ତି । ଏହାରି ମଧ୍ୟରେ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ହୋଇଥିବା ଏକ ଘଟଣା ସମ୍ପର୍କରେ କହିଛନ୍ତି । ଯାହା ତାଙ୍କ ପାଇଁ ବହୁତ ଦୁଃଖଦାୟକ ଥିଲା । ଏଥିସହ ଅମିତାଭ ତାଙ୍କ ବ୍ଲଗରେ କହିଛନ୍ତି ଯେ, 'ମୁଁ ଫ୍ଲାଇଟରେ ଯିବା ସମୟରେ ଖବରକାଗଜରେ ଦେଖିଲି ମୋ ଫିଲ୍ମର ଏକ ଫଟୋ ଥିଲା । ହଠାତ୍ ସେହି ଭାଷା ବୁଝିପାରିନଥିଲି । ପରେ ମୁଁ ଜଣେ ଏୟାରହଷ୍ଟେସକୁ କେଉଁ ଭାଷା ଏବଂ କକ୍'ଣ ଲେଖାଯାଇଛି ବୋଲି ପଚାରିଥିଲି । ଏୟାର ହୋଷ୍ଟେସ ମୋତେ କହିଲେ ଯେ ଏହା ଏକ ଭାରତୀୟ ଫିଲ୍ମର ପୋଷ୍ଟର ଏବଂ ଖବରକାଗଜ ଫିଲ୍ମର ଅଭିନେତାଙ୍କ ଭାରତ ଆସିବା ବିଷୟରେ ଖବର ପ୍ରକାଶ କରିଥିଲା । ମୁଁ ବିମାନବନ୍ଦରରେ ପହଞ୍ଚି ବାହାରକୁ ଆସିବା ମାତ୍ରେ ଲୋକମାନେ ମୋତେ ଘେରିଗଲେ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଭିଡ଼ ଏତେ ଥିଲା ଯେ ମୁଁ ଚାଲିକି ଯିବା ସମ୍ଭବ ନଥିଲା । ପୋଲିସ ମୋତେ ଫ୍ଲାଇଟରୁ ବାହାର କରିବାରେ ସାହାଯ୍ୟ କଲା ଏବଂ ସିଧା ହୋଟେଲକୁ ନେଇଗଲା ।" ସେ ଏହା ମଧ କହିଛନ୍ତି ଯେ, କିଛି ଜର୍ଣ୍ଣାଲିଷ୍ଟଙ୍କ ଆର୍ଟିକିଲ ଲେଖା ତାଙ୍କୁ ବିଚଳିତ କରିଦେଇଥିଲା । ଥାର୍ଡ ୱାର୍ଲଡ କଣ୍ଟ୍ରିର ଏହି ଥାର୍ଡ ରେଟେଡ୍ ଅଭିନେତାଙ୍କୁ ଏତେ ଧ୍ୟାନ କାହିଁକି ଦିଆଯାଉଛି ବୋଲି ସେଥିରେ ଲେଖାଯାଇଥିଲା । ଯାହାର ଉତ୍ତରରେ ବ୍ୟକ୍ତିଗତ ସମାଲୋଚନାରେ ମୋର କୌଣସି ସମସ୍ୟା ନାହିଁ ବୋଲି ଅମିତାଭ କହିଥିଲେ । ଏପରି କଥା ମତେ ଗଭୀର ଦୁଃଖ ଦେଇଥିଲା । ସେ ଆହୁରି ଲେଖିଛନ୍ତି, "ମୁଁ ଆଜି ପୁଣି ଥରେ ସ୍ପଷ୍ଟ ଭାବରେ କହୁଛି ଟ୧୯ କ୍ରିକେଟରେ ଭାରତ ହେଉଛି ବିଶ୍ୱ ବିଜେତା । ଏଥିରେ ଦୃଷ୍ଟିହୀନ, ମହିଳା, ପୁରୁଷ ସମସ୍ତେ ବିଶ୍ୱ ବିଜେତା । ଆମେ ଏକ ନମ୍ବର । ବିଶ୍ୱରେ ଏକ ନମ୍ବର । ଆମେ ଆଉ ତୃତୀୟ ବିଶ୍ୱ ଦେଶ ନୁହେଁ । ଆମେ ଏକ ପ୍ରଥମ ବିଶ୍ୱ ଦେଶ ।"

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

× ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

× ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ ପ୍ରସ୍ତୁତ କରିପାରିବେ।

× ସେହିପରି ରୋଗ ପ୍ରତରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ ସୁସ୍ଥ ରହିଥାଏ।

## ଅଭାବ ଅନଟନ ଦୂର କରିବ ଧାତୁ ନିର୍ମିତ କଇଁଛ



ଆମ ଶାସ୍ତ୍ରରେ କଇଁଛର ଅନେକ ମହତ୍ତ୍ୱ ରହିଛି। କୁହାଯାଏ ଯେ, ଘରେ ଓ କାର୍ଯ୍ୟାଳୟରେ କଇଁଛ ରଖିଲେ ସମସ୍ତ ବାସ୍ତୁ ଦୋଷ ଦୂର ହେବା ସହ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ। ପରିବାରରେ ସୁଖ ଶାନ୍ତି ବଜାୟ ରହିଥାଏ। କେବେ ହେଲେ କୌଣସି ଅଭାବ ଅନଟନ ଦେଖାଦେଇନଥାଏ। ହେଲେ ଘରେ କଇଁଛ ରଖିବାକୁ ହେଲେ ଆମକୁ କିଛି ଜିନିଷ ଉପରେ ଧ୍ୟାନ ଦେବାକୁ ହେବ। ଆସନ୍ତୁ ଜାଣିବା ସେଗୁଡ଼ିକ କ'ଣ ? ୧) ପୁରାଣ ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ଦଶାବତାର ମଧ୍ୟରୁ ଗୋଟିଏ ଥିଲା କଚ୍ଛପ ବା କଇଁଛ ଅବତାର। ତେଣୁ କୁହାଯାଏ ଯେ ଘରେ କଇଁଛ ରଖିବା ଦ୍ୱାରା ସର୍ବଦା ଘରଲୋକଙ୍କ ଉପରେ ଭଗବାନ ବିଷ୍ଣୁଙ୍କର ଆଶୀର୍ବାଦ ରହିଥାଏ। ୨) କଇଁଛ ଏକମାତ୍ର ଜୀବ ଯିଏ କି ଅଧିକ ସମୟ ଯାଏ ଜୀବିତ ରୁହେ। ଧାତୁ ନିର୍ମିତ କଇଁଛକୁ ଆପଣ ଘରର ପୂଜାସ୍ଥାନରେ ରଖିପାରିବେ। ହେଲେ ମନେରଖନ୍ତୁ କଇଁଛକୁ କେବେ ହେଲେ ଖାଲିରେ ରଖିବେ ନାହିଁ। ଏହାକୁ ସବୁବେଳେ ପାଣିରେ ରଖିବେ। ଏହାଦ୍ୱାରା ଘରର ଉନ୍ନତି ହୋଇଥାଏ। ୩) କଇଁଛକୁ ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। କାରଣ ଏହି ଦିଗରେ ଲକ୍ଷ୍ମୀଙ୍କର ବାସ ହୋଇଥାଏ। ତେଣୁ ଏହି ସ୍ଥାନରେ କଇଁଛ ରଖିବାଦ୍ୱାରା ଶତ୍ରୁମାନଙ୍କର ବିନାଶ ହୋଇଥାଏ। ବେପାରରେ ସଫଳତା ମିଳିଥାଏ ଓ ଧନଲାଭ ହୋଇଥାଏ। ୪)ଯଦି ଘରେ ସବୁବେଳେ ଅଭାବ ଅନଟନ ଦେଖାଦେଉଛି, ଘରର ଆୟଠୁ ବ୍ୟୟ ଅଧିକ ହେଉଛି ତେବେ ଘରେ କ୍ରିଷ୍ଟାଲର କଇଁଛ ରଖିବା ଉଚିତ୍। ହେଲେ ମନେରଖନ୍ତୁ କଇଁଛର ମୁହଁ ସର୍ବଦା ଘରର ଭିତର ଆଡ଼କୁ ହେବା ଦରକାର। ୫) ଫେଙ୍ଗସୁଇ ଅନୁଯାୟୀ, କଇଁଛକୁ ଘରର ଡ୍ରଇଂ ରୁମ୍‌ରେ ରଖିବା ଉଚିତ୍। କେବେହେଲେ କଇଁଛକୁ ନିଜ ବେଡରୁମ୍‌ରେ ରଖନ୍ତୁ ନାହିଁ। ଏହାକୁ ବେଡରୁମ୍‌ରେ ରଖିଲେ ଘରର ସଦସ୍ୟଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ।

## ମଙ୍ଗଳସୂତ୍ରର ମହତ୍ତ୍ୱ





ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ- ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା- ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।

## ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ



କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାୟ। ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛ। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡୟ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ନିର୍ଗତ ହୁଏୟ ଯାହା ନ୍ୟୁରୋଟକ୍ସିକ ବୋଲି ବିଜ୍ଞାନ କୁହେ। ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ। ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏୟ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିସ୍କାଘାତର କାରଣ ହୋଇପାରେ। ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ ।ତେବେ ବାଉଁଶରୁ ମଧ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ନିର୍ଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ।

# ଡାଲି ଫସଲ ଉପରେ ଜାତୀୟ କର୍ମଶାଳା

**ଭୁବନେଶ୍ୱର,୮।୨ (ମହାଭାରତ):** କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଶନିବାର ମଧ୍ୟପ୍ରଦେଶର ସେହୋର ଆମଲାହାଠାରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ 'ରାଷ୍ଟ୍ରୀୟ ଡାଲି ଆତ୍ମନିର୍ଭରତା ମିଶନ' ଅଧୀନରେ ଡାଲି ଜାତୀୟ ଫସଲ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପରୋକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ଓଡ଼ିଶାର ସାମଗ୍ରିକ କୃଷି ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ, ବିଦେଶରୁ ଡାଲି ଆମଦାନୀ ଆମ ପାଇଁ ଲଜ୍ୟାଜନକ। ଦେଶର ଆତ୍ମନିର୍ଭରତା ତଥା କୃଷକଙ୍କ କଲ୍ୟାଣ ପାଇଁ, ଡାଲିରେ ଆତ୍ମନିର୍ଭରତା ମିଶନ ଆରମ୍ଭ କରାଯାଇଛି। ଡାଲିରେ ଆତ୍ମନିର୍ଭରତା ମିଶନ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ପାଇଁ ଏକ ମିଶନ ନୁହେଁ ବରଂ ଆମର ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଏକ ଅଭିଯାନ।



ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶାର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରି କହିଛନ୍ତି ଯେ, ରଣନୈତିକ ନୀତି, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଜଳବାୟୁ ସହନୀୟ କୃଷି ପଦ୍ଧତି ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଘଟିଛି। ଗୋଟିଏ ପଟେ ଓଡ଼ିଶା ଚାଷୀମାନଙ୍କୁ ଧାନ ଚାଷ ପାଇଁ ଇନପୁଟ୍ ସହାୟତା ପ୍ରଦାନ କରି ଚାଷୀଙ୍କ ଆୟ ବୃଦ୍ଧି କରୁଛି ଏବଂ ଅନ୍ୟପଟେ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆମେ ଧାନ ଫସଲ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ ମଧ୍ୟ କରୁଛୁ। ଏହା ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହା ରବି ଋତୁରେ ବିସ୍ତୃତ ଧାନ ପଡ଼ିଆ ଜମିକୁ କମ୍ ସମୟର ଡାଲି ଏବଂ ତୈଳ ବିହନ ଚାଷ କରି ଉତ୍ପାଦନକ୍ଷମ କ୍ଷେତ୍ରରେ ପରିଣତ କରିବା ଲକ୍ଷ୍ୟ ରଖିଛି। ଏହା ଉଲ୍ଲେଖନୀୟ ଯେ, ରବି ୨୦୨୫-୨୬ ରେ, ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରାୟ ୩.୫ ଲକ୍ଷ ହେକ୍ଟର ଜମିରେ କାର୍ଯ୍ୟାନ୍ୱୟନ କରାଯାଇଛି। ସମସ୍ତ ପ୍ରଗତିଶୀଳ ପଦକ୍ଷେପ ସହିତ, କୃଷି କ୍ଷେତ୍ରରେ ପୂର୍ବୋଦୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ବିକାଶର କେନ୍ଦ୍ର ହେବାକୁ ଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଅନ୍ୟାନ୍ୟ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ପ୍ରଭାତ କୁମାର ରାଉଳ ଓ ଆଇସିଏଆର ଏବଂ ଆଇସିଏଆରଡିଏ ର ପ୍ରତିନିଧିମାନେ ମଧ୍ୟ କର୍ମଶାଳାରେ ଯୋଗ ଦେଇଥିଲେ।

# ଓଡ଼ିଆ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୮।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳନ କରାଯିବ ଓଡ଼ିଆ ପକ୍ଷ। ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ନେଇ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ।

ଗତବର୍ଷ ପ୍ରଥମ ଥର ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାକୁ ଆହୁରି ଭବ୍ୟ ରୂପେ ଯେପରି ପାଳନ କରାଯିବ ସେ ନେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ସମୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ କରାଇବା ଏବଂ ଏଥିରେ ସମସ୍ତ ଜନସାଧାରଣଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରାଇବା ଉପରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱାରୋପ କରିଛନ୍ତି।

ଓଡ଼ିଆ ପକ୍ଷ ପାଳନ ସମୟରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବାର ଯୋଜନା ରହିଛି। ଓଡ଼ିଶା ଦିବସ, ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡ଼ିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣ ଦୌଡ଼, ଯୁବ ଲେଖକ ସମ୍ମିଳନୀ, ବରପୁତ୍ରଙ୍କ ଉପରେ ଆଲୋଚନା ଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜନ ହେବାର ଯୋଜନା ରହିଛି।

ଓଡ଼ିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ଏକ ସ୍ୱତନ୍ତ୍ର ୱେବ୍ସାଇଟ ନିର୍ମାଣ କରାଯିବ। ଏଥିସହ ଓଡ଼ିଆ ପକ୍ଷ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରବାସୀ ଓଡ଼ିଆମାନଙ୍କୁ ମଧ୍ୟ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଯୋଜନା ରହିଛି।



ଏଥିସହ ପକ୍ଷ ପାଳନ ସମୟରେ ଯୁବପିଢ଼ି ଏବଂ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯେପରି ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେବେ ଏହାକୁ ସୁନିଶ୍ଚିତ କରାଯିବ।

# ମୋକିମଙ୍କ ନୂଆ ଦଳକୁ କୃଷକ ନେତାଙ୍କ ସମର୍ଥନ

**ଭୁବନେଶ୍ୱର,୮।୨ (ମହାଭାରତ):** ସ୍ଥାନୀୟ ୟୁନିଟ୍-୧ ସ୍ଥିତ କସ୍ତୁରବା ନାରୀମହଲଠାରେ ଓଡ଼ିଶାର ଛାମୁଆ କୃଷକନେତାମାନଙ୍କୁ ନେଇ ଏକ ସଭା ଓ ଆଲୋଚନା ଶିବିର ଅନୁଷ୍ଠିତ ହୋଇଛି। ଏହି ସଭାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ କୃଷକ ନେତାମାନେ ଉପସ୍ଥିତ ଥିଲେ। ଉପସ୍ଥିତ କୃଷକନେତାମାନେ "ଚାଷୀ କୂଳର ଏକତା - ବଦଳାଇବୁ ଓଡ଼ିଶାର ବ୍ୟବସ୍ଥା" ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ କୃଷକ ନେତାମାନେ ଓଡ଼ିଶାରେ କୃଷି ଓ କୃଷକମାନଙ୍କ ଦୁରାବସ୍ଥା ସମ୍ପର୍କରେ ଆଲୋକପାତ କରିବା ସହ ଏହାର ସମାଧାନ ନିମନ୍ତେ "ଏକ ବିକଳ୍ପ ବ୍ୟବସ୍ଥା"ର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ତେବେ ରାଜ୍ୟରେ ଅନ୍ୟ ରାଜନୈତିକ ଦଳଗୁଡ଼ିକ ଚାଷୀଙ୍କ ସ୍ୱାର୍ଥ ରକ୍ଷାରେ ବିଫଳ ହୋଇଥିବା ସ୍ଥଳେ ବରିଷ୍ଠ ନେତା ମହମ୍ମଦ ମୋକିମ ଭିନ୍ନଭିନ୍ନ କୃଷକ ଆନ୍ଦୋଳନ ସହ ଜଡ଼ିତ ରହି ଅନେକଥର ସରକାରଙ୍କ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏଥିପାଇଁ ଓଡ଼ିଶାର କୃଷକ ସଂଗଠନ ଗୁଡ଼ିକ ମୋକିମଙ୍କ ନୂଆ ଆଳିକ ଦଳକୁ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ। କୃଷକ ନେତା ଶୁଭେନ୍ଦୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଆମନ୍ତ୍ରିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷୀମାନଙ୍କ ଦାବି ହାସଲ ନିମନ୍ତେ ସମଗ୍ର ଚାଷୀକୂଳକୁ ଏକତ୍ରିତ ହୋଇ ଲଢେଇ କରିବା ପାଇଁ ମୋକିମ୍ ଆହ୍ୱାନ କରିଥିଲେ। ଓଡ଼ିଶାର ମାଟି, ପାଣିପାଗ ଚାଷ ପାଇଁ ଏତେ ଉପଯୁକ୍ତ ହୋଇ ମଧ୍ୟ ଆମେ ପନିପରିବା, ମାଛ, ଅଣ୍ଡା, ଫୁଲ ଠାରୁ ନେଇ ସମସ୍ତ କୃଷିଜାତ ଦ୍ରବ୍ୟ ପାଇଁ କାହିଁକି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ବୋଲି ସେ ପ୍ରଶ୍ନ କରିଥିଲେ। ଏଥିପାଇଁ ଭିତ୍ତିଭୂମିର ଅଭାବ, ମଣ୍ଡିର ଅବ୍ୟବସ୍ଥା, କଟ୍ନି ଛଟ୍ନି, ଚାଷୀର ଖର୍ଚ୍ଚଠାରୁ କମ୍ ଏମ୍.ଏସ୍.ପି., ଭାଗଚାଷୀ ଆଇନରେ ବିଭ୍ରାଟ ଓ ସରକାରୀ ମନୋଭାବର ଅଭାବକୁ ସେ ଦାୟୀ କରିଥିଲେ। ଓଡ଼ିଶାରେ କୃଷକମାନଙ୍କୁ ଏକତ୍ରିତ କରି ରାଜ୍ୟକୁ ଏକ କୃଷି ସମୃଦ୍ଧ ରାଜ୍ୟ ଭାବେ ଗଢିତୋଳିବା ତାଙ୍କର ନୂଆ ଆଳିକ ଦଳର ପ୍ରଥମ ଲକ୍ଷ୍ୟ ହେବ ବୋଲି ସେ ପ୍ରକାଶ କରିଥିଲେ।

# ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବିଏମ୍‌ସିର ଦକ୍ଷତା ବିକାଶ ତାଲିମ

**ଭୁବନେଶ୍ୱର,୮।୨ (ମହାଭାରତ):** ପ୍ରତ୍ୟେକ ୱାର୍ଡ ତଥା ଗଳିକନ୍ଦିରେ ପରିମଳ ବ୍ୟବସ୍ଥାକୁ ଆହୁରି ଜୋରଦାର କରିବା ପାଇଁ ଆଜି ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଏକ ସମୀକ୍ଷା ବୈଠକ ସହ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ ସହକାରୀ କମିଶନର ସୁଶ୍ରୀ ସ୍ମୃତିରେଖା ସ୍ୱାଇଁଙ୍କ ସହ ପରିମଳ ନିରୀକ୍ଷକ, ସ୍ୱଚ୍ଛ ସୁପରଭାଇଜର, ବିଏମ୍ ସି ଦ୍ୱାରା ନିୟୋଜିତ ବିଭିନ୍ନ ଏଜେନ୍ସିର କର୍ମକର୍ତ୍ତା, ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ବିଭିନ୍ନ ୱାର୍ଡରେ ପରିମଳ କାର୍ଯ୍ୟକ୍ରମ କିପରି ଚାଲିଛି, ସେ ସଂପର୍କରେ ଅତିରିକ୍ତ କମିଶନର ଶ୍ରୀ ଦାସ, ଜଣ ଜଣ କରି ପଚାରି ବୁଝିଥିଲେ। ଦିନକୁ କେଉଁ କେଉଁସ୍ଥାନରେ କେତେଥର ଲେଖାଏଁ ସାଧାରଣ ସଫେଇ ଓ ମେକାନିକାଲ ସଫେଇ ହେଉଛି ସେ ସଂପର୍କରେ ଅବଗତ ହେବା ସହ ଆଉ କଣ କଲେ, ଅଧିକ ସଫେଇ ହୋଇପାରିବ, ସେ ସଂପର୍କରେ ପଚାରି ସମସ୍ତଙ୍କର ମତାମତ ନେଇଥିଲେ। ବର୍ଜ୍ୟ ପରିବହନ କାର୍ଯ୍ୟରେ ଲାଗିଥିବା ଗାଡିଗୁଡିକ ପୂର୍ବ ଅପେକ୍ଷା ଏବେ ଅଧିକ କାର୍ଯ୍ୟକ୍ଷମ ହୋଇପାରିଛି ଏବଂ ଉପଯୁକ୍ତ ତତ୍ତ୍ୱାବଧାନ ଯୋଗୁଁ ଦକ୍ଷତାର ସହ କାର୍ଯ୍ୟକରୁଥିବା ନେଇ ଉପସ୍ଥିତ ସ୍ୱଚ୍ଛକର୍ମୀ, ସୁପରଭାଇଜର, ଏଜେନ୍ସିର କର୍ମକର୍ତ୍ତା ମତବ୍ୟସ୍ତ କରିଥିଲେ। ସେହିପରି ଟ୍ରଲିଗୁଡିକ ମଧ୍ୟ କାର୍ଯ୍ୟକ୍ଷମ ହୋଇଥିବାରୁ ରାସ୍ତାପାର୍ଶ୍ୱ ବର୍ଜ୍ୟ ଉଠାଇବା ସହଜ ହୋଇପାରିଛି।



କେବଳ ରାସ୍ତାଘାଟ, ଗଳିକନ୍ଦି ନୁହେଁ, ଏମ୍ ସିସି ଓ ଏମ୍ଆରଏଫଗୁଡିକୁ ମଧ୍ୟ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦେଇଛନ୍ତି ଶ୍ରୀ ଦାସ। ବିଭିନ୍ନ ଏଜେନ୍ସି, ବିଦ୍ୟାଳୟ, ମହାବିଦ୍ୟାଳୟ, ଆବାସିକ ସଂଗଠନ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ସହ ଗଣସଫେଇ କରୁଥିବା ସଂପର୍କରେ ଅବଗତ କରାଇଥିଲେ। ଗଣସଫେଇ ଅଭିଯାନ ମାସକୁ ଅତି କମରେ ୪ ଦିନ ପ୍ରତ୍ୟେକ ଏଜେନ୍ସି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ କମିଶନର। କେବଳ ସେତିକି ନୁହେଁ, ବିଭିନ୍ନ ଏଜେନ୍ସିର କର୍ମଚାରୀ ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଉଛନ୍ତି। ଏହା ଫଳରେ ପୂର୍ବ ଅପେକ୍ଷା ଏବେ ଅଧିକ ଲୋକ ଓଦା ଓ ସୁଖିଲା ବର୍ଜ୍ୟ ଅଲଗା ଅଲଗା କରି ଦେଉଛନ୍ତି ଏବଂ ପରିବେଶକୁ ପରିଷ୍କାର ରଖିବା ପାଇଁ ପଦକ୍ଷେପ ନେଉଥିବା ଗଳିକନ୍ଦି, ସାହି, ବସ୍ତିରେ ଦେଖିବାକୁ ମିଳୁଥିବା ନେଇ ମତ ପ୍ରକାଶ ପାଇଥିଲା। ବସନ୍ତ ଋତୁ ଆସୁଥିବାରୁ ଗଛଗୁଡିକ ଏବେ ପତ୍ରଝଡା ଦେବ। ଫଳରେ ଅଧିକ ବର୍ଜ୍ୟ ଉତ୍ପନ୍ନ ହେବ। ଏଣୁ ସ୍ୱଚ୍ଛକର୍ମୀମାନେ ଦୈନିକ ୬ରୁ ୮ ଘଣ୍ଟା କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରତ୍ୟେକ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ, ସ୍ୱଚ୍ଛ କର୍ମୀଙ୍କ ସହ ଆଲୋଚନା କରି କାର୍ଯ୍ୟତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସ୍ୱଚ୍ଛ ସର୍ବେକ୍ଷଣରେ ଏଥର ବିଏମ୍ ସି ଯେପରି ୧ ନମ୍ବର ହେବ, ସେ ନେଇ ସମସ୍ତେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟକରିବାକୁ ଅନୁରୋଧ କରିଛନ୍ତି ଅତିରିକ୍ତ କମିଶନର ଶ୍ରୀ ଦାସ। ପ୍ରତ୍ୟେକ ପରିମଳ କର୍ମୀ ନିଜକୁ ଜଣେ ସଚ୍ଚା ଓ ସଚ୍ଚୋଟ ସ୍ୱଚ୍ଛ ସୈନିକ ଭାବି କାର୍ଯ୍ୟକଲେ, ବିଏମ୍ ସି ସ୍ୱଚ୍ଛ ସର୍ବେକ୍ଷଣ ତାଲିକାର ଶୀର୍ଷରେ ରହିବ ବୋଲି ଅବଗତ କରାଇଛନ୍ତି।

# ରାଜ୍ୟରେ ଗୋଦାନ ଚଳଚ୍ଚିତ୍ରକୁ 'ଟାକ୍ସ ଫ୍ରି' ଘୋଷଣା

**ଭୁବନେଶ୍ୱର,୮।୨ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ହିନ୍ଦୀ ଫିଚର ଫିଲ୍ମ 'ଗୋଦାନ'ର ପ୍ରିମିୟର ଦେଖିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଏହି ଚଳଚ୍ଚିତ୍ରକୁ ସାରା ରାଜ୍ୟରେ 'ଟାକ୍ସ ଫ୍ରି' ହେବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଓଡ଼ିଶାରେ ଖୁବ ଶୀଘ୍ର ଗୋ-ଅନୁସନ୍ଧାନ କେନ୍ଦ୍ର ସ୍ଥାପନା କରାଯିବ। ଚଳଚ୍ଚିତ୍ର ଦେଖିବା ସମୟରେ ମୁଖ୍ୟମନ୍ତ୍ରୀ ଭାବ ବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ 'ଗୋଦାନ' ଏକ ସମ୍ପୂର୍ଣ୍ଣ ପାରିବାରିକ ଚଳଚ୍ଚିତ୍ର, ଯାହା ପିଲାମାନଙ୍କୁ ପିତାମାତାଙ୍କ ସହ ଯୋଡି ରଖିବା ସହ ସନାତନ ଧର୍ମର ମୂଲ୍ୟବୋଧ ବୁଝାଇବାର ଏକ ଦୃଢ଼ ବାର୍ତ୍ତା ଦେଉଛି।



ମୁଖ୍ୟମନ୍ତ୍ରୀ, ଚଳଚ୍ଚିତ୍ରର ବିଷୟବସ୍ତୁ ଏବଂ ସାମାଜିକ ମୂଲ୍ୟବୋଧ, ସାଂସ୍କୃତିକ ପରମ୍ପରା ଏବଂ ପାରିବାରିକ ନୀତିକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଗୋଦାନ ଭଳି ପ୍ରାସଙ୍ଗିକ ସିନେମା ସାମାଜିକ ସଚେତନତା ସୃଷ୍ଟି ଏବଂ ସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ଯୁବ ପୀଢିକୁ ଆହ୍ୱାନ ଦେଇ ଏହି ଚଳଚ୍ଚିତ୍ରକୁ ସପରିବାରେ ଦେଖିବାକୁ କହିଥିଲେ ଏବଂ ସମାଜରେ ସାଂସ୍କୃତିକ ଭାବନାକୁ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୬ ଫେବୃଆରୀରେ ରିଲିଜ ହେବାକୁ ଥିବା ସିନେମାର ଏହି ପ୍ରିମିୟରରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନୋଦ କୁମାର ଚୌଧୁରୀ, ବିଧାୟକଗଣ ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଯୋଗ ଦେଇଥିଲେ।

# ନାରୀ ସୁରକ୍ଷା ସରକାରଙ୍କ ପ୍ରାଥମିକତା ହେବା ଉଚିତ : ବିଜେଡି

**ଭୁବନେଶ୍ୱର,୮।୨ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଞ୍ଜାମ ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଶୁଭାରମ୍ଭ କରିଥିଲା ବେଳେ ପଡୋଶୀ କନ୍ଧମାଳ ଜିଲ୍ଲାରେ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ଦୁଷ୍କର୍ମ ଭଳି ଲଜ୍ୟାଜନକ ଖବର ଆସୁଛି ଓ ଓଡ଼ିଶାରେ କନ୍ୟା ଅସୁରକ୍ଷିତ ଥିବାବେଳେ ରାଜ୍ୟ ସରକାର ପ୍ରଥମେ କନ୍ୟା ମାନଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ଦିଅନ୍ତୁ, ତା ପରେ 'କନ୍ୟା ବିବାହ ଯୋଜନା' ଶୁଭାରମ୍ଭ କଲେ ଭଲ ହୁଅନ୍ତା ବୋଲି ବିଜେଡି କହିଛି।

ଏକ ପ୍ରେସ ବିବୃତି ମାଧ୍ୟମରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ଗତ ୧୮ ମାସରେ ରାଜ୍ୟରେ ନାରୀ ନିର୍ଯାତନା ଶୀର୍ଷରେ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ଲିଖିତ ଉତ୍ତରରେ କହିଛନ୍ତି, ୧୫ ମାସରେ ଓଡ଼ିଶାରେ ୩୭,୬୧୧ ମହିଳା ବିରୋଧୀ ଅପରାଧ ମାମଲା ମାମଲା ରୁଜୁ ହୋଇଛି। ଡବଲ ଇଞ୍ଜିନ ସରକାରରେ ୪୦୦୦ରୁ ଅଧିକ ଦୁଷ୍କର୍ମ ହୋଇଛି, ଅସୁରକ୍ଷିତ ନାରୀ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଆବାସ ସ୍କୁଲରେ ନାବାଳିକା ଗର୍ଭବତୀ ହେଉଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଶୌଚ ହେବାକୁ ଯାଇଥିବା ବେଳେ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ଦୁର୍ବୃତ୍ତମାନେ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନଙ୍କ କବଳରୁ ନିଜକୁ ବଞ୍ଚାଇବାକୁ ନାବାଳିକା ଚେଷ୍ଟା କଲା ବେଳେ ତାଙ୍କ ପୋଷାକ ଚିରି ଭିଡିଓ ଭାଇରାଲ କରିବାକୁ ଧମକ ଦେବା ସହ ହାତଗୋଡ଼ ବାନ୍ଧି ଜଙ୍ଗଲରେ ଛାଡ଼ି ଚାଲିଯାଇଥିଲେ ୨ ଜଣ ଦୁର୍ବୃତ୍ତ। ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଘଟଣା, ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କ ଗଣଦୁଷ୍କର୍ମ ଘଟଣା, ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳିଦେବା ଘଟଣା ଭଳି ଅମାନବୀୟ କାର୍ଯ୍ୟ ସମାଜରେ ଭୟର ବାତାବରଣ ସୃଷ୍ଟି କରିଛି। ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଉଥିବା ଛାତ୍ରୀ ଓ ନାରୀ ନିର୍ଯାତନା ଓ ଅପରାଧୀମାନଙ୍କ ବିରୁଦ୍ଧରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ଅଛି। ନାରୀଙ୍କୁ ସୁରକ୍ଷା ଓ ନ୍ୟାୟ ଦାବିରେ ବିଜେଡି ସବୁବେଳେ ରାଜରାସ୍ତାକୁ ଓହ୍ଲାଇଛି। ବିଜେଡି ସବୁବେଳେ ଦାବି କରିଛି, ଏସବୁ ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ। ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

# ଧାନ ଚାଷୀଙ୍କୁ ଦେୟ ପ୍ରଦାନ

**ଭୁବନେଶ୍ୱର,୮।୨ (ମହାଭାରତ):** ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ସେମାନଙ୍କର ଧାନ ବିକ୍ରୟର ସର୍ବନିମ୍ନ ସହାୟତା ମୂଲ୍ୟ ଏବଂ ଇନ୍‌ପୁଟ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥି ପାଇଁ ସରକାର ଡିଜିଟାଲ୍ ସଂସ୍କାର ବ୍ୟବସ୍ଥାକୁ ଆପଣାଇଛନ୍ତି। ଏହି ପ୍ରାପ୍ୟ ପ୍ରଦାନରେ ସ୍ୱଚ୍ଛତା, ତ୍ରୁଟିଶୂନ୍ୟ ଦେୟ ପ୍ରଦାନ ନୀତି ଅନୁସରଣ କରାଯାଇଛି। ଚଳିତ ଖରିଫ ଋତୁରେ ସରକାର ପ୍ରାୟ ୧୦ ଲକ୍ଷ ୫୬ ହଜାର ଚାଷୀଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନ୍‌ପୁଟ ସହାୟତା ରାଶି ବାବଦକୁ ୧୨,୭୦୩ କୋଟି ୭୪ ଲକ୍ଷ ଟଙ୍କା ପ୍ରଦାନ କରିସାରିଲେଣି। ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ଦେୟ ପ୍ରଦାନ ପ୍ରକ୍ରିୟା ଜାରି ରହିଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୫୫୬୨ ଆକାଉଂଟକୁ ଦେୟ ପ୍ରଦାନରେ ସାମାନ୍ୟ ସମସ୍ୟା ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଇଛି। ସଂପୃକ୍ତ ଚାଷୀମାନଙ୍କ ଆକାଉଂଟରେ ସର୍ବାଧିକ ନେଣଦେଣ, ପ୍ରାୟତଃ ଜନଧନ ଆକାଉଂଟ, ଏୟାରଟେଲ୍ ପେମେଂଟ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ଆକାଉଂଟରେ ଦେଣନେଣ ପରିମାଣ ସୀମା ଥିବା କାରଣରୁ ଏହିସବୁ ଆକାଉଂଟକୁ ଦେୟ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ଏଥି ସହ ପଞ୍ଜିକରଣବେଳେ ନିଷ୍କ୍ରିୟ ଆକାଉଂଟ ପ୍ରଦାନ, ଆଧାର ସଂଯୋଗ ନଥିବା ଓ ଇ-କେୱାଇସି ହୋଇନଥିବା ଆକାଉଂଟକୁ ଏହି ଦେୟ ପ୍ରଦାନରେ ସମସ୍ୟା ଦେଖାଦେଉଛି। ମାତ୍ର ରାଜ୍ୟ ସରକାର ଏସବୁର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାସ୍ତରରେ କ୍ଷେତ୍ର ଅଧିକାରୀମାନେ ସଂପୃକ୍ତ ଚାଷୀମାନଙ୍କ ସହ ନିରନ୍ତର ଯୋଗାଯୋଗରେ ରହିବା ସହ ସେମାନଙ୍କ ଆକାଉଂଟ ଥିବା ବ୍ୟାଙ୍କଗୁଡ଼ିକ ସହ ସଂପର୍କରେ ଅଛନ୍ତି।

# ଦୂର ହେବ ଅଟୋ ଏବଂ ଟାକ୍ସି ସଂଘ ସମସ୍ୟା

**ଭୁବନେଶ୍ୱର,୮।୨ (ମହାଭାରତ):** ଭୁବନେଶ୍ୱର ଅଟୋ ଏବଂ ଟାକ୍ସି ଆସୋସିଏସନର ଆନୁକୁଲ୍ୟରେ ଭୁବନେଶ୍ୱର ରେଳ ଷ୍ଟେସନ ପରିସରରେ ଏକ ସଭା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆୟୋଜିତ ସଭାରେ ମୁଖ୍ୟ ଅତିଥୀ ଭାବରେ ଯୋଗ ଦେଇଥିଲେ। ଦୀର୍ଘ ୫ ଦଶନ୍ଧୀ ଧରି ରାଜଧାନୀ ଭୁବନେଶ୍ୱର ଅଟୋ ଏବଂ ଟାକ୍ସି ଆସୋସିଏସନ ରାଜଧାନୀରେ ସେବା ଯୋଗାଇ ଆସୁଛନ୍ତି। ଆୟୋଜିତ ସମାବେଶରେ ଭୁବନେଶ୍ୱର ଅଟୋ ଏବଂ ଟାକ୍ସି ସଂଘକୁ ରାଜଧାନୀର ମେରୁଦଣ୍ଡ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ। କୌଣସି ଲୋକ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ସକାଳ ୪ଟାରୁ ନେଇ ରାତି ପର୍ଯ୍ୟନ୍ତ, ଏଠାରେ ଅଟୋଟିଏ ଖୋଜିଲେ, ସଂଘର ସଦସ୍ୟ ସେମାନଙ୍କୁ ଦଶନ୍ଧୀ ଦଶନ୍ଧୀ ଧରି ସେବା ଯୋଗାଇ ଆସୁଛନ୍ତି। ଭୁବନେଶ୍ୱର ରେଳ ଷ୍ଟେସନର ଉନ୍ନତିକରଣ କାମ ଜାରି ରହିଛି। ଏହାରି ମଧ୍ୟରେ ରାଜଧାନୀ ଅଟୋ ଏବଂ ଟାକ୍ସି ସଂଘର ସ୍ଥାନ ପରିବର୍ତ୍ତନ ହେବା ଆଶଙ୍କାକୁ ନେଇ ପ୍ରାୟ ୫୦୦ରୁ ଅଧିକ ପରିବାର ଏବେ ଚିନ୍ତାରେ ପଡିଛନ୍ତି। ସ୍ଥାନ ପରିବର୍ତ୍ତନ ହେଲେ ଆଗାମୀ ଦିନରେ ପେଟପାଟଣାକୁ ନେଇ ଟାକ୍ସି ଓ ଅଟୋଚାଳକ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରି ସମସ୍ତେ ନିଜର ସମସ୍ୟାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଜଣାଇଥିଲେ। ଏହି ଅବସରରେ ଦିଲ୍ଲୀରୁ ଆସି ରାଜଧାନୀ ଅଟୋ ଏବଂ ଟାକ୍ସି ସଂଘର ସଭାରେ ଯୋଗଦାନ କରି,



ଭୁବନେଶ୍ୱର ସାଂସଦ ଅପରାଜିତା ବଡ଼ ପ୍ରତିଶ୍ରୁତି ଓ ଭରସା ଦେଇଛନ୍ତି। ସଂଘରେ ଥିବା ୫ ଶହ ପରିବାରର କୌଣସି ପ୍ରକାର ସମସ୍ୟା ଆଗାମୀ ଦିନରେ ହେବନି ବୋଲି ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ଭୁବନେଶ୍ୱର ସାଂସଦ। ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହିତ ଭୁବନେଶ୍ୱର ସାଂସଦ ଅଟୋ ଏବଂ ଟାକ୍ସି ସଂଘ ସମସ୍ୟା ଦିଗରେ କଥା ହୋଇଥିବା ଆୟୋଜିତ ସଭାରେ ଜଣାଇଛନ୍ତି। ଭୁବନେଶ୍ୱର ଅଟୋ ଏବଂ ଟାକ୍ସି ଆସୋସିଏସନ ପୂର୍ଣ୍ଣ ପ୍ରାଣରେ ଜନସାଧାରଣଙ୍କ ହିତରେ କାମ ଜାରି ରଖିବାକୁ ଭୁବନେଶ୍ୱର ସାଂସଦ ମହୋଦୟା ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁବ ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି କିସଲୟ ଘୋଷ, ପ୍ରଣୟ କରନ ଭୁବନେଶ୍ୱର ଅଟୋ ଏବଂ ଟାକ୍ସି ସଂଘ ସଭାପତି ନବ କିଶୋର ମହାନ୍ତି, ଟାକ୍ସି ସଂଘ ସମ୍ପାଦକ ଏସକେ ଆବିଦ, ଅଟୋ ସଂଘ ସମ୍ପାଦକ ବିଜୟ କୁମାର ପଟ୍ଟନାୟକ, ଟାକ୍ସି ସଂଘ ଉପସଭାପତି ରଣଜିତ ନାୟକ, ଅଟୋ ସଂଘ ଉପସଭାପତି ଏସକେ ନୌଶାଦଙ୍କ ସହ ଆସୋସିଏସନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମମତାଙ୍କ ଦାଦାଗିରି

୨୦୨୭ ସୁଦ୍ଧା ସମଗ୍ର ଦେଶରେ ଭୋଟର ତାଲିକା ସଂଶୋଧନ ସମ୍ପୂର୍ଣ୍ଣ ହେବ ଏବଂ ଦେଶରେ ଏକ ନିର୍ଭୁଲ, ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ପାଇବ। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧିନ ସରକାର ଏହାକୁ ବିରୋଧ କରୁଛନ୍ତି। ଅନ୍ୟ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳରେ ଏସଆଇଆରକୁ ବିରୋଧ କରାଯାଉନଥିବା ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସଆଇଆରକୁ ବାତିଲ କରିବା ଦାବିରେ ଯେପରି ଅଡ଼ି ବସିଛନ୍ତି, ସେଥିରେ ଲାଗୁ ଏହା ଭିତରେ କିଛି ରହସ୍ୟ ଅଛି। ଏସଆଇଆର ଦ୍ୱାରା ମମତାଙ୍କ ରାଜନୈତିକ କ୍ଷତି ହେବା ଭଳି ମନେ ହେଉଛି। ଏଥିଲାଗି ମମତା ଯେପରି ଉଗ୍ର ରୂପ ଧାରଣ କରିଛନ୍ତି ତାହା ଗଣତନ୍ତ୍ରରେ ସ୍ୱୀକାରଯୋଗ୍ୟ ନୁହେଁ। ଏସଆଇଆରକୁ ବନ୍ଦ କରିବା ଲାଗି ଦାବି କରି ସେ ନିର୍ବାଚନ କମିଶନରଙ୍କୁ ଦୁଇ ଦୁଇଟି ଚିଠି ଲେଖିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇତିମଧ୍ୟରେ ମମତା ଦିଲ୍ଲୀ ଇସିଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ତାଙ୍କର ଦାବି ରଖିଛନ୍ତି। କିନ୍ତୁ ନିର୍ବାଚନ କମିଶନର ନମ୍ରତାର ସହିତ ଏହି ଦାବିକୁ ଅଗ୍ରାହ୍ୟ କରିଛନ୍ତି। ଏହାର ପ୍ରତିକ୍ରିୟା ସ୍ୱରୂପ ମମତା ଇସିଙ୍କୁ ଯେପରି ବ୍ୟବହାର ପ୍ରଦର୍ଶନ କଲେ ତାହା ନିନ୍ଦନୀୟ, ଦୁର୍ଭାଗ୍ୟଜନକ ଏବଂ ସନ୍ଦେହଜନକ। ନିର୍ବାଚନ କମିଶନର ଏକ ସ୍ୱୟଂଶାସିତ ସାମ୍ବିଧାନିକ ପରଠ। ଏହାର ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠାଇବା ଅନୁଚିତ। କିଛି ଅଭିଯୋଗ ଥାଇପାରେ। ଏହାର ବିଚାର ଲାଗି ସୁପ୍ରିମକୋର୍ଟ ରହିଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ମମତା ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି। ସେଥିରେ ବି କିଛି ଅସୁବିଧା ନାହିଁ। ଏହା ତାଙ୍କର ସାମ୍ବିଧାନିକ ଅଧିକାର। ସଂସଦରେ ସମ୍ଭାବ୍ୟ ମହାଭିଯୋଗ ପ୍ରସ୍ତାବ କାଟ ଖାଇଯାଇପାରେ। କିନ୍ତୁ ଏହା ଉପରେ ଆଲୋଚନା ନିଶ୍ଚୟ ହୋଇପାରିବ। ମମତା ଏସଆଇଆରକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟକୁ ଯାଇଛନ୍ତି, ସଂସଦରେ ସିଇସିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତିଲ ତାହା ପରେ ପୁଣି ରାସ୍ତା ଘାଟରେ ନିର୍ବାଚନ କମିଶନଙ୍କୁ ଗାଳି ଦେବାର ଯଥାର୍ଥତା ନାହିଁ। ମମତାଙ୍କ ଭଳି ଜଣେ ବରିଷ୍ଠ ନେତ୍ରୀ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏଭଳି ଭାଷା, ଏଭଳି ଆଚରଣ ଏବଂ ଗୁଣ୍ଡାଗିରି ଶୋଭାପାଉନି। କିଛି ଦିନ ତଳେ ସେ ଇଡି ହାତରୁ ଯୋରଜବରଦସ୍ତ ଫାଇଲ ଛଡ଼ାଇ ଆଣିଲେ। ଏଥିନେଇ ମାମଲା ସୁପ୍ରିମକୋର୍ଟରେ ରହିଛି। ମମତାଙ୍କ ଏଭଳି ଆଚରଣ ତାଙ୍କ ଟଦ୍ଧତ୍ୟକୁ ପ୍ରମାଣିତ କରୁଛି। ଜଣେ ମୁଖ୍ୟମନ୍ତ୍ରୀ କେବେ ଏଭଳି ଆଇନ ବିରୋଧୀ କାର୍ଯ୍ୟ କରିବା ଅନୁଚିତ। ଏବେ ସିଇସିଙ୍କୁ ମମତା ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଆଇନ ଦୃଷ୍ଟିରୁ ଏକ ଗର୍ହିତ ଅପରାଧ। ନିର୍ବାଚନ କମିଶନ ବାରମ୍ବାର ଏକଥା ସ୍ପଷ୍ଟ କରୁଛନ୍ତି ଯେ, ଏଥିରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ କଟିବ ନାହିଁ। ଯେଉଁମାନେ ବିଗତ ଦିନରେ ପରଲୋକ ଗମନ କରିଛନ୍ତି, ଯେଉଁ ମାନେ ଅନ୍ୟ ରାଜ୍ୟରେ ବା ବିଦେଶରେ ସ୍ଥାୟୀଭାବେ ବସବାସ କରୁଛନ୍ତି, ଯେଉଁମାନଙ୍କର ନାମ ଏକାଧିକ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ରହିଛି, ସେମାନଙ୍କ ନାମ ତାଲିକାରୁ କଟିବ। ଏହା ବ୍ୟତିତ ବିଦେଶୀ ଅନୁପ୍ରବେଶକାରୀଙ୍କ ନାମ ମଦ୍ୟ ତାଲିକାରୁ ବାଦ ପଡ଼ିବ। ଏଥିରେ ଅସୁବିଧା କେଉଁଠି ରହିଲା? ଅସଲ କଥା ହେଲା ପଶ୍ଚିମବଙ୍ଗରେ ବହୁ ସଂଖ୍ୟକ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ବହୁ ସଂକ୍ୟାରେ ବସବରସ କରୁଛନ୍ତି। ସେମାନେ ମମତାଙ୍କ ଭୋଟ ବ୍ୟାଙ୍କର ଏକ ବଡ଼ ଅଂଶ। ନିଜ ସୁରକ୍ଷା ପାଇଁ ସେମାନେ ସବୁ ବେଳେ ମମତାଙ୍କୁ ଭୋଟ ଦେଇ ଆସୁଛନ୍ତି। କେବଳ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ମମତା ଏତେ ହଙ୍ଗାମା କରୁଛନ୍ତି।

# ପୁତିନଙ୍କ ଅପରେସନ ଆମେରିକା

॥ ସୌମେନ୍ଦ୍ର ଜେନା ॥

“

*କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚ୍ୟାଲେଞ୍ଜ ଦେଇଥିଲେ ।*

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ଓ ସୋଭିଏତ୍ ରୁଷିଆ ମଧ୍ୟରେ ନିଜସ୍ୱ ବର୍ଚ୍ଚସ୍ୱ ପ୍ରତିଷ୍ଠା ପାଇଁ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଆସିଛି ଏବେ ତାହା ଏକ ଭିନ୍ନ ସୋପାନରେ ପହଞ୍ଚିଛି। ରୁଷିଆର ପ୍ରଭାବକୁ ୟୁରୋପରେ ସଂକୁଚିତ କରିବା ପାଇଁ ୟୁକ୍ରେନ ମାଧ୍ୟମରେ ଆମେରିକା ଯେଉଁ ଗୋଟି ଚଳାଇ ଆସିଛି ତାକୁ ଅତି କଠୋର ଭାବରେ ସାମ୍ନା କରିଆସିଛି ରୁଷିଆ। ୟୁକ୍ରେନର ସହାୟତା ପାଇଁ ନାଟୋର ସଦସ୍ୟ ରାଷ୍ଟ୍ର ସମୂହଙ୍କୁ ଆମେରିକା ଏକାଠି କରି ଅସ୍ତ୍ରଶସ୍ତ୍ର ଚାଲାଣ ଜାରି ରଖିଛି । ତେଣେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆମେରିକାର ସମସ୍ତ ଚାଲକୁ ବିଫଳ କରିବା ପାଇଁ ଯେତିକି ପ୍ରୟାସ ନିଜ ଦେଶରେ କରିଛନ୍ତି ସେତିକି ଦେଶ ବାହାରେ ମଧ୍ୟ କରିଛନ୍ତି। ପୁତିନଙ୍କ କୂଟନୀତି ଯୋଗୁ ଏସିଆର ଦୁଇଟି ପ୍ରମୁଖ ରାଷ୍ଟ୍ର ଚୀନ ଓ ଭାରତ ଆମେରିକା ସପକ୍ଷରେ ପୂରାପୂରି ଯାଇନାହାନ୍ତି । ସତକଥା ହେଲା ପୁତିନଙ୍କ ଦୃଢ ମନୋବଳ ଯୋଗୁ ଆମେରିକା ଏବଂ ନାଟୋ ମେଣ୍ଟର କଟକଣା, ଅସହଯୋଗ, ଷଡଯନ୍ତ୍ର ସତ୍ତ୍ୱେ ରୁଷିଆ ଏକାକୀ ଲଢିଆସିଛି । ଆମେରିକା ଏବଂ ୟୁରୋପର ରାଷ୍ଟ୍ରଗୁଡିକ ବିଶ୍ୱମଞ୍ଚରେ ରୁଷିଆକୁ ଏକାକୀ କରିବାକୁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିଥିଲେ ମଧ୍ୟ ପୁତିନଙ୍କୁ ସମର୍ଥନ ଦେବାପାଇଁ ଆଫ୍ରିକା ମହାଦେଶର ଅନେକ ରାଷ୍ଟ୍ର ମୁଖ୍ୟ ମସ୍କୋରେ ଉପସ୍ଥିତ ରହି ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଦେଢବର୍ଷରୁ ଅଧିକ କାଳ ଧରି ୟୁକ୍ରେନ -ରୁଷିଆର ଯୁଦ୍ଧ ମଧ୍ୟରେ ରୁଷିଆର ଜନସାଧାରଣ ଏବଂ ସହଯୋଗୀ ରାଷ୍ଟ୍ରଗୁଡିକୁ ନିଜ ସପକ୍ଷରେ ରଖି ପୁତିନ ନିଜ ସଫଳ ନେତୃତ୍ୱର ପରିଚୟ ଦେଇପାରିଛନ୍ତି। ରୁଷିଆର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ୱାଗନର ଗ୍ରୁପର ମୁଖ୍ୟ ଏବଂ ପୂର୍ବତନ ନିକଟତମ ସହଯୋଗୀ ପ୍ରିଗୋଝିନଙ୍କ ପରି ବ୍ୟକ୍ତିଙ୍କୁ ରାସ୍ତାରୁ ହଟାଇବାକୁ ସକ୍ଷମ ହୋଇଛନ୍ତି । ଆମେରିକାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ରୁଷିଆର ନେତୃତ୍ୱ ଦୁର୍ବଳ ହୋଇନାହିଁ ବରଂ ଆମେରିକା ମଧ୍ୟରେ ପୁତିନଙ୍କ ଅପରେସନ ଅଧିକ ଶକ୍ତିଶାଳୀ ହୋଇଛି। ରୁଷିଆ ବାହାରେ ଆମେରିକାର ସମ୍ମାନ ଓ ପ୍ରତିଷ୍ଠାରେ ଆଞ୍ଚ ଆସିଛି । ଯେଉଁ ଗଣତନ୍ତ୍ର କଥା କହି ଆମେରିକା ନିଜର ଆଧିପତ୍ୟ ବିସ୍ତାର ପାଇଁ ବାଟ ଫିଟାଇଥାଏ ସେହି ଗଣତନ୍ତ୍ର ପ୍ରତି ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ମାଇଣ୍ଡଗେମ୍‌ରେ ଆମେରିକାକୁ ଦୁର୍ବଳ କରିବାକୁ ପୁତିନ ସଫଳ ହୋଇଛନ୍ତି ।

ସୋଭିଏତ ରୁଷିଆକୁ ଦୁର୍ବଳ କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଯେଉଁ ପ୍ରୟାସ ଆମେରିକା ଚଳାଇ ଆସିଥିଲା ତାହା ଚାରିଦଶନ୍ଧି ପରେ ସଫଳ ହେଲା। ସୋଭିଏତ୍ ସଂଘକୁ ଭାଙ୍ଗିବା ପାଇଁ ଆମେରିକାର ନିରନ୍ତର ପ୍ରୟାସକୁ ପୁତିନ ଦେଖିଥିଲେ। ଜର୍ମାନୀରେ ଗୁଇନ୍ଦା ଅଧିକାରୀ ଭାବେ ନିଯୁକ୍ତ ଥିଲାବେଳେ ବିକ୍ଷୋଭ ଆଳରେ ସେଠାରେ ଥିବା ସୋଭିଏତ ରୁଷିଆର କୂଟନୀତିକ କାର୍ଯ୍ୟାଳୟକୁ କିପରି ଧ୍ୱଂସ କରି ତଥ୍ୟ ଚୋରାଇବାକୁ ପ୍ରୟାସ ହୋଇଥିଲା ତାହା ସହ ସେ ପରିଚିତ ଥିଲେ। କାର୍ଯ୍ୟାଳୟ ଉପରେ ଆକ୍ରମଣ ହେବା ସମୟରେ ସେ ଗୋପନୀୟ ତଥ୍ୟଗୁଡିକର ଦଲିଲକୁ କିପରି ପୋଡି ନଷ୍ଟ କରିଥିଲେ ତାହା ଭୁଲିପାରିନାହାନ୍ତି । ସେତେବେଳେ ରୁଷିଆର ଶାସନରେ ଥିବା ସରକାରଙ୍କଠାରୁ ଯେପରି ସାହାଯ୍ୟ ପାଇବା କଥା ତାହା ସେ ନପାଇବା ଦ୍ୱାରା କିପରି ରୁଷିଆର କ୍ଷତି ହୋଇଥିଲା ତାହା ସେ ଲକ୍ଷ୍ୟ କରିଥିଲେ। ତେଣୁ ରୁଷିଆର ନେତୃତ୍ୱ ସବୁବେଳେ ସୁଦୃଢ , ସଶକ୍ତ ଏବଂ ବାରମ୍ବାର ପରିବର୍ତ୍ତନ ନ ହେବାକୁ ସେ ନିଜର ନୀତି ଭାବେ ଧରିଛନ୍ତି । ରୁଷିଆରେ ଗଣତନ୍ତ୍ର ଆସିଲା ପରେ ଯେପରି ଭୋଟରକୁ ପ୍ରଭାବିତ କରି ସରକାର ବଦଳିବା କଥା ତାହା ହୋଇନାହିଁ । ଏପରିକି ପୁତିନ ନିଜକୁ ସର୍ବୋଚ୍ଚ ସ୍ଥାନରେ ଅଧିକ ସଶକ୍ତ କରିଛନ୍ତି । ସାମ୍ବିଧାନିକ ପରିବର୍ତ୍ତନ ମଧ୍ୟ କରିଛନ୍ତି । ୟୁରେସିଆକୁ ଦୁର୍ବଳ କରିବାକୁ ହେଉଥିବା ଉଦ୍ୟମର ସେ ବିରୋଧ କରୁଛନ୍ତି। ଆମେରିକାର ସୋସିଆଲ ମିଡିଆରେ ପ୍ରବେଶ କରି ସେଠାକାର ସରକାରଙ୍କୁ ସନ୍ଦେହରେ ପକାଇଛନ୍ତି । ୨୦୧୮ରେ ଫକ୍ସ ନିଉଜକୁ ଦେଇଥିବା ସାକ୍ଷାତକାରରେ ପୁତିନ ଯେଉଁ ମନସ୍ତାତ୍ତ୍ୱିକ ଯୁଦ୍ଧ ଚଳାଇଥିଲେ ସେଥିରେ କେତେକାଂଶରେ ସେ ସଫଳ ହୋଇଛନ୍ତି। ୨୦୧୬ରେ ଆମେରିକା ନିର୍ବାଚନରେ ଟ୍ରମ୍ପ-ହିଲାରୀ କ୍ଲିଣ୍ଟନଙ୍କ ମଧ୍ୟରେ ଲଢେଇ ହେଉଥିବା ସମୟରେ ବର୍ଣ୍ଣିସାଣ୍ଡାର୍ସ କ୍ଲିଣ୍ଟନଙ୍କୁ ହଟାଇବା ପାଇଁ କିପରି ଷଡଯନ୍ତ୍ର କରିଥିଲେ ତାହା କହି ସେ ଆମେରିକାବାସୀଙ୍କ ମନରେ ଦ୍ୱନ୍ଦ୍ୱ ଭରି ଦେଇଥିଲେ । ଆମେରିକାର ରାଜନୀତିରେ ନୀତିବିହୀନ ନେତୃତ୍ୱର ଲଢେଇକୁ ସେ ଲୋକଲୋଚନକୁ ଆଣି ଅନେକ ସନ୍ଦେହର ଜାଲ ବୁଣିଥିଲେ । ଯାହା ଫଳରେ ଟ୍ରମ୍ପ ଏବଂ କ୍ଲିଣ୍ଟନଙ୍କ ଦଳକୁ ସମର୍ଥନ କରୁଥିବା ଭୋଟରମାନଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ କେନ୍ଦ୍ର କରି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସେମାନେ ତଦନ୍ତ ପାଇଁ ଦାବି କରିଥିଲେ । ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଜାଲିଆତି ହେଉଥିବା କଥା ପୁତିନ ଉଠାଇ ବିଶ୍ୱବାସୀଙ୍କ ମନରେ ଆମେରିକାର ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଥିଲେ । ତେଣୁ ଆମେରିକାବାସୀଙ୍କ ମନରେ ଆମେରିକାର ବିଧି ଓ ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟିକରି ଆମେରିକା କିପରି ଅନ୍ୟ ଦେଶର ଗଣତନ୍ତ୍ରର କ୍ଷତିସାଧନ କରିଆସୁଛି ତାହା ସେ ଉଲ୍ଲେଖ କରିଥିଲେ।

କ୍ଷମତାକୁ ଆସିବା ପରେ ପୁତିନଙ୍କ ସମ୍ମୁଖରେ ଚେଚେନ୍ୟାର ଇସ୍ଲାମିକ ସନ୍ତ୍ରାସବାଦ ବଡ ଆହ୍ୱାନ ହୋଇ ଛିଡା ହୋଇଥିଲା । ତା ପଛରେ ଆମେରିକା ସରକାର ମଧ୍ୟପ୍ରାଚ୍ୟର ସହଯୋଗୀ ମୁସଲିମ ରାଷ୍ଟ୍ରଗୁଡିକୁ ଲଗାଇଥିଲେ । ପୃଥିବୀରେ ଇସଲାମିକ ସନ୍ତ୍ରାସର କାରଖାନା ଖୋଲି ପାକ୍ ଓ ମଧ୍ୟପ୍ରାଚ୍ୟ ମାଧ୍ୟମରେ ଆମେରିକା ଯେମିତି ଭାରତ ସମେତ ରୁଷିଆକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଆସିଛି ସେ ସଂପର୍କରେ ସମସ୍ତେ ପରିଚିତ । ଚେଚେନ୍ୟା ବିଦ୍ରୋହୀଙ୍କୁ ଦମନ କଲାପରେ ପୁତିନ ମଧ୍ୟପ୍ରାଚ୍ୟରେ ନିଜ ପ୍ରାଧାନ୍ୟ ବିସ୍ତାର କରି ଆମେରିକାକୁ ଚାଲେଞ୍ଜ ଦେଇଥିଲେ । ଆଫ୍ରିକାରେ ହସ୍ତକ୍ଷେପ କରି ନାଟୋ ଦେଶଗୁଡିକୁ ହଟାଇବା ପାଇଁ ସ୍ଥାନୀୟ ରାଜନେତା ଏବଂ ସେନାର ନେତୃତ୍ୱକୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଯେଉଁଥିପାଇଁ ଏକଦା ଶହଶହ ବର୍ଷ ଧରି ଆଫ୍ରିକାକୁ ଉପନିବେଶ କରିଥିବା ୟୁରୋପୀୟ ରାଷ୍ଟ୍ରଗୁଡିକ ପ୍ରତି ଆଫ୍ରିକାର ଜନମାନସରେ ଏବେ ପ୍ରବଳ ଘୃଣା ଭାବ ଦେଖାଦେଇଛି। ଗୋଟିକ ପରେ ଗୋଟିଏ ଦେଶରେ ନାଟୋ ସମର୍ଥିତ ଗୋଷ୍ଠୀ ଦୁର୍ବଳ ହେବାରେ ଲାଗିଛନ୍ତି । ନିକଟରେ ନାଇଜରରୁ ଫ୍ରାନ୍ସ ସେନାବାହିନୀ ନିଜ ଛାଉଣୀ ଛାଡିବାକୁ ବାଧ ହୋଇଛନ୍ତି । ସତୁରୀ ବର୍ଷ ଧରି ସେଠାରେ ଫ୍ରାନ୍ସର ସେନା ସ୍ଥାୟୀ ଭାବେ ରହିଆସିଥିଲେ। ବିଗତ ଦିନରେ ଅନେକ ଆଫ୍ରିକୀୟ ରାଷ୍ଟ୍ରରେ ଆମେରିକା-ନାଟୋ ସମର୍ଥକ ସରକାରଗୁଡିକୁ କ୍ଷମତାରୁ ହଟାଇବା ପଛରେ ପୁତିନଙ୍କ ବୁଦ୍ଧି ଯେ କାର୍ଯ୍ୟ କରିଛି ତାହା ସ୍ୱୀକାର କରିବାକୁ ହେବ । ୨୦୦୪ ପରଠାରୁ ଆଫ୍ରିକାର ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ଚୀନ ନିଜର ଆଧିପତ୍ୟକୁ ବୃଦ୍ଧିକରିବାକୁ ସକ୍ଷମ ହେଲାବେଳେ ରୁଷିଆ ସାମରିକ ଏବଂ କୂଟନୀତିକ କ୍ଷେତ୍ରରେ ଅଧିକ ସୁଦୃଢ ହୋଇଛି । ମାଇଣ୍ଡଗେମ୍‌ରେ ପୁତିନ ଆଗୁଆ ରହି ଆଫ୍ରିକାବାସୀଙ୍କୁ ୟୁରୋପ-ଆମେରିକା ବିରୋଧୀ କରି ଛିଡା କରିବାକୁ ସକ୍ଷମ ହୋଇଛନ୍ତି।

ସମ୍ମୁଖ ଯୁଦ୍ଧରେ ରୁଷିଆ ପାଇଁ କେବଳ ପରମାଣୁ ଯୁଦ୍ଧ ବାଦ ଦେଲେ ପାରମ୍ପାରିକ ଯୁଦ୍ଧରେ ଆମେରିକାର ସମ୍ମୁଖୀନ ହେବା ସହଜ ହେବନାହିଁ, ଏକଥା ପୁତିନଙ୍କୁ ଜଣାଅଛି। ତେଣୁ ସେ ସାଇବର ସେନା ବାହିନୀକୁ ଶକ୍ତିଶାଳୀ କରି ଆମେରିକା ଓ ନାଟୋ ଗୋଷ୍ଠୀକୁ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୨୦୨୦ ନିର୍ବାଚନ କାଳରେ ଆମେରିକାରେ ଟ୍ରମ୍ପ ବିଜୟୀ ହେବା ଜଣାପଡୁଥିଲା ବେଳେ ବାଇଡେନ ବିଜୟୀ ହେବା ସମସ୍ତଙ୍କୁ ଚକିତ କରିଥିଲା ଏବଂ ଆମେରିକାବାସୀ ଭୋଟରଙ୍କ ମନରେ ପୁତିନ ମାଇଣ୍ଡଗେମ୍ କ୍ଷେତ୍ରରେ ଆଗରେ ରହିବା ଜଣାପଡିଥିଲା। ପୁତିନ ନିଜେ କେଜିବିର ଜଣେ ଅଧିକାରୀ ଭାବେ ଅତୀତରେ କାର୍ଯ୍ୟ କରିଥିବା ଦୃଷ୍ଟିରୁ କ୍ଷମତାକୁ ଆସିବାପରେ ଗୁଇନ୍ଦା ବ୍ୟବସ୍ଥାକୁ ଶକ୍ତିଶାଳୀ କରିଛନ୍ତି । ଆମେରିକାର ଗଣମାଧ୍ୟମଗୁଡିକରେ ରୁଷିଆ ସମର୍ଥିତ ଲୋକଙ୍କୁ ପ୍ରବେଶ କରାଇ ପୁତିନ ଭୟ ସଞ୍ଚାର କରିବାକୁ ସକ୍ଷମ ହୋଇଛନ୍ତି। ୟୁକ୍ରେନ ଯୁଦ୍ଧବେଳେ ଜନବସତିଗୁଡିକ ଉପରେ ଭୀଷଣ ଆକ୍ରମଣକରି ପ୍ରବଳ କ୍ଷୟକ୍ଷତି ସହ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିବାର ଭୟଙ୍କର ଫଟୋ ସବୁ ଆମେରିକାର ଗଣମାଧ୍ୟମରେ ପ୍ରକାଶ କରାଇ ଆମେରିକାବାସୀଙ୍କ ମନରେ ସେଠାକାର ସରକାରଙ୍କ ପ୍ରତି ଘୃଣାଭାବ ସୃଷ୍ଟି କରିବାରେ ପୁତିନ ସକ୍ଷମ ହୋଇଥିଲେ। ଆମେରିକା ଏବଂ ୟୁରୋପର ଲୋକେ ଭୟାଳୁ ଏବଂ ରକ୍ତପାତ ଦେଖିଲେ ଛାନିଆଁ ହେବା ସମସ୍ତେ ଜାଣିଛନ୍ତି। ତେଣୁ ପୁତିନ ଯୁଦ୍ଧକାଳରେ ସେଭଳି ଦୃଶ୍ୟ ସୃଷ୍ଟିକରି ଆମେରିକାବାସୀଙ୍କ ମନରେ ଭୟ ସୃଷ୍ଟି କରିଛନ୍ତି । ସୋଭିଏତ ରୁଷିଆକୁ ଆମେରିକା ରାଜନୀତିକ ଷଡଯନ୍ତ୍ର ମାଧ୍ୟମରେ ବିଭାଜିତ କରିବାକୁ ସକ୍ଷମ ହୋଇଥିଲା ବେଳେ ପୁତିନ ସମାନ ଢଙ୍ଗରେ ଆମେରିକାକୁ ଆମେରିକାବାସୀଙ୍କ ଦ୍ୱାରା ବିଭାଜିତ କରିବାକୁ ପ୍ରୟାସ ଚଳାଇଛନ୍ତି। (ବ୍ଲାକ ଲାଇଫମ୍ୟାଟର୍ସ ଆନ୍ଦୋଳନରେ ଯେପରି ଇସଲାମିକ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀ ଆମେରିକାରେ ତାଣ୍ଡବ ସୃଷ୍ଟି କରିଥିଲେ ତା ପଛରେ କେଜିବିର ଭୂମିକା ରହିଥିବା ସଂକ୍ରାନ୍ତରେ ବହୁଖବର ପ୍ରକାଶ ପାଇଥିଲା । ଏଥିରୁ ଆମେରିକାକୁ ଆମେରିକା ମଧ୍ୟରେ ଦୁର୍ବଳ କରିବାକୁ ପୁତିନଙ୍କ ଅପରେସନ ସକ୍ଷମ ବୋଲି କୁହାଯାଇପାରେ । ଆଗାମୀ ଦିନରେ ଆମେରିକାବାସୀଙ୍କ ମନରେ ଆମେରିକାପ୍ରତି ଅଧିକ ସନ୍ଦେହ ସୃଷ୍ଟି ପାଇଁ ପୁତିନ ଭିନ୍ନ ଭିନ୍ନ ମାଧ୍ୟମରେ ପ୍ରୟାସ କରିବେ ନିଶ୍ଚୟ ।

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।



ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟ୍ଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

॥ ନିରୂପମା ଭୂୟାଁ ॥

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, ‘ଅପେକ୍ଷା କର, ସମୟ ହୋଇନାହିଁ।’

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - ‘ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।’ ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ’ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିଙ୍କୁ ଡାକିଲେ। ‘ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।’ ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, ‘ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, ‘ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।’ ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ପ୍ରଥମ ଚଣାହଙ୍ଗା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

ବାଲିପାଟଣା, (ମହାଭାରତ ) : ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଚଣାହଙ୍ଗା ପିପୁଲ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ଗୁରୁବାର ଠାରୁ ଚାଲିଥିବା ପ୍ରଥମ ଚଣାହଙ୍ଗା ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ରେ ତାରିଣୀ ୱାରୀୟର୍ସ କୁ ୩୬ ରନ ରେ ପରାସ୍ତ କରି ସାଇ ମହାବୀର ୱାରିୟର୍ସ ଚମ୍ପିୟାନ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରମାକାନ୍ତ ପଣ୍ଡା , ଯୁବ ସମାଜସେବୀ ସତ୍ୟନାରାୟଣ ଛାଟଇ , ଚଣାହଙ୍ଗା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦାଶ , ସରପଞ୍ଚ ବାହାନ ଭୋଇ , ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା , ସାମ୍ବାଦିକ ରମେଶ ଚନ୍ଦ୍ର ରଥ ,ମାନସ କୁମାର ପଣ୍ଡା , ସତ୍ୟଜିତ ରାୟ , ଅମୁଲ୍ୟ ପ୍ରଧାନ , ବସନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ । ଟୁର୍ନାମେଣ୍ଟ ରେ ଭୁବାସିନୀ ବ୍ଲାଷ୍ଟରସ୍ ,ସାଇ ମହାବୀର ଜାଗୁଆର୍ସ , ବାବା ସିଦ୍ଧେଶ୍ୱର ସ୍କାଏ ହିଟରସ୍ , ନୀଳକଣ୍ଠ ବୁଲସ୍ , ତାରିଣୀ ୱାରୀୟର୍ସ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ରେ ତାରିଣୀ ୱାରିୟର୍ସ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଏସ୍ ଏମ୍ ଜାଗୁଆର୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭର ରେ ୧ ଉଇକେଟ ହରାଇ ୨୧୪ ରନର ବିଶାଳ ସ୍କୋର କରିଥିଲା । ଏସ୍ ଏମ୍ ଜାଗୁଆର୍ସ ର ଓପନର ଅମିତ ତ୍ରିପାଠୀ ୩୬ ବଲ ଖେଳି ୧୨୩ ରନ ବ୍ୟକ୍ତିଗତ ସ୍କୋର କରିଥିଲେ । ୧୫ ଛକା ଏବଂ ୬ ଟି ୪ ମାରିଥିଲେ । ଅମିତ କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି । ତାରିଣୀ ୱାରୀୟର୍ସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା । ସୁକାନ୍ତ କୁମାର ଦାଶ , ପ୍ରିୟଞ୍ଜନ ସ୍ୱାଇଁ , ଧୀରେନ୍ଦ୍ର କୁମାର ସାହାଣୀ , ସନମୁନ ରାଉତରାୟ , ସୌମ୍ୟ ରଞ୍ଜନ ମହାନ୍ତି ଅଂଶ ଗ୍ରହଣ କରିଥିବା ଦଳ ଗୁଡିକର ନେତୃତ୍ୱ ନେଇଥିଲେ । ଫାଇନାଲ ମ୍ୟାଚରେ ଜଗନ୍ନାଥ ସାହୁ ଏବଂ ସୌଭାଗ୍ୟ ବସ୍ତିଆ ଖେଳ ପରିଚାଳନା କରିଥିଲେ । ଜଗନ୍ନାଥ ପଣ୍ଡା , ନବ କିଶୋର ବେହେରା , ଯଚିନ୍ଦ୍ର କୁମାର ଭୋଳ , ସୁବାସ ବାରିକ , ଦିଲ୍ଲୀପ ବସ୍ତିଆ, ନିରଞ୍ଜନ ଭୋଇ , ବିଶ୍ୱ ରଞ୍ଜନ ଭୋଇ , ଦୀପକ କୁମାର ପ୍ରମୁଖ ସହଯୋଗ କରିଥିଲେ !

## ଘରେ ପଶି କଳାକନା ବୁଲାଇଲେ ଦୁର୍ବୃତ୍ତ

କପ୍ତିପଦା, (ମହାଭାରତ) : ଗାଁ ରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତ ଘରେ ବୁଲାଇଲେ କଳାକନା। ଉଦଳା ଥାନା ପାଟପୁର ଗ୍ରାମରେ ଘଟିଛି ଏହି ଘଟଣା। ଗ୍ରାମର ବନୋଜ ବଡ଼େଇ ଙ୍କ ପରିବାର ସଦସ୍ୟ ଗ୍ରାମ ରେ ଚାଲିଥିବା ବାଥୁଡି ସାଂସ୍କୃତିକ ସମାଜ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ଘର ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ଘର ଭିତରେ ପଶି ଦେଖିବାରୁ ଦୁର୍ବୃତ୍ତ ମାନେ ଘରୁ ଲୁଟ କରିଥିବା ଜାଣିବାକୁ ପାଇଥିଲେ। ଲୁଟେରା ମାନେ ୩ ଗୋଟି ଗେଟ ତାଲା ଭାଙ୍ଗି ଘରେ ପଶିବା ସହିତ ଘର ଭିତରେ ଥିବା ଆଲମାରୀ ଓ ଗଡ଼ରେଜ ଭାଙ୍ଗି ୬୦ ହଜାର ନଗଦ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିପାରିଥିଲେ। ଏହା ପରେ ଘଟଣା ବାବଦରେ ଉଦଳା ଥାନା କୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିପୁଳ ପରିମାଣରେ ବ୍ରାଉନ ସୁଗାର ଜବତ, ଦୁଇ ଗିରଫ

ଏରସମା, (ମହାଭାରତ) : ଏରସମା ଅଞ୍ଚଳରୁ ବିପୁଳ ପରିମାଣର ବ୍ରାଉନ ସୁଗାର ଜବତ କରିଯିବା ସହିତ ୨ ଜଣଙ୍କୁ ପୋଲିସ ଗିରଫ କରିଛି ।ଅଭିଯୁକ୍ତ ଦୁଇଜଣଙ୍କ ଠାରୁ ସର୍ବମୋଟ ୧୯ - ୮୩୦ ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଓ ତିର୍ତ୍ତୋଲ ଏସ୍ ଡି ପି ଓ ଅଜୟ ଦାସଙ୍କ ଚୋରା ନିଶା କାରବାର ପ୍ରତି କଡ଼ା ନଜରକୁ ଦ୍ରୁଷ୍ଟିରେ ରଖି ଏରସମା ପୁଲିସକୁ ଏହି ସଫଳତା ମିଳିଛି ।ଘଟଣାରୁ ଜଣାପଡିଛି ପଦ୍ମପୁରର ଗାଦି ବ୍ରହ୍ମ ମଠ ନିକଟରେ ବ୍ରାଉନ ସୁଗାର କାରବାର ଚାଲିଥିବାର ଶୁକ୍ରବାର ଏରସମା ପୁଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା ।ଖବର ମୁତାବକ ଥାନା ଅଧିକାରୀ ପ୍ରେମଜିତ୍ ଦାସଙ୍କ ନିର୍ଦ୍ଦେଶକ୍ରମେ,ସବ୍ ଇନ୍ସପେକ୍ଟର ବିଶ୍ୱଜିତ୍ ଗଡ଼ନାୟକଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଏ ଏସ୍ ଆଇ ସୁଶାନ୍ତ ଆଚାର୍ଯ୍ୟ,କନଷ୍ଟେବଲ୍ ଏମ୍ ଆର୍ ସେଠି, ଏସ୍ କେ ମହାନ୍ତି, ଆର୍ କେ ସିଂ,ପି ସ୍ୱାଇଁ ଏବଂ ଓ ଏ ପି ଫୋର୍ସ ଏସ୍ କାହ୍ନା ଗାଦି ବ୍ରହ୍ମ ମଠ ନିକଟରେ ପହଞ୍ଚି ଚଢାଉ କରିଥିଲେ ।ଏଠାରେ ବ୍ରାଉନ ସୁଗାର ବିକ୍ରୟ ପାଇଁ ଠିଆ ହୋଇଥିବା ୨ ଜଣ ଯୁବକଙ୍କୁ ମାଡି ବସିଥିଲେ। ସେମାନେ ହେଲେ ଆମ୍ବିକି ଗ୍ରାମର ଲକ୍ଷ୍ମୀଧର ଦାସ (୩୨) ଓ ଅଶିଆ ଗ୍ରାମର ବିକାଶ ସାହୁ (୨୪) ।ଏମାନଙ୍କୁ ସର୍ଚ୍ଚ କରାଯିବାରୁ, ଲକ୍ଷ୍ମୀଧର ଦାସ ପ୍ୟାଣ୍ଟ୍ ପକେଟରୁ ୧୪ - ୨୮୦ ଓ ବିକାଶ ସାହୁ ପ୍ୟାଣ୍ଟ ପକେଟରୁ ୫ - ୫୫୦ ଗ୍ରାମ ବ୍ରାଉନ ସୁଗାର ଜବତ ସହିତ,୨ ଟି ମୋବାଇଲ ଫୋନ୍,ନଗଦ ୧୮ ହଜାର ୧୫୦ ଟଙ୍କା ଏବଂ ଓ ଡ଼ି - ୦୫ - ଆର୍ - ୮୫୯୭ ବଜାଜ ପଲ୍ସର ମଟର ସାଇକଲ ମଧ୍ୟ ସେମାନଙ୍କ ଠାରୁ ଜବତ କରାଯାଇଛି। ଜବତ ବ୍ରାଉନ ସୁଗର ଯାହାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ପ୍ରେସ ରିଲିଜରେ ପୁଲିସ କହିଛି ।ତେବେ ଅଭିଯୁକ୍ତ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଯୋଡ଼ାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆର୍ବିଭାବ ମହୋତ୍ସବ

ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡ଼ା ସତସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ ତମ ପୁଣ୍ୟ ଆବିର୍ଭାବ ମହା ମହୋତ୍ସବ ଓ ଯୋଡ଼ା ସତସଙ୍ଗ ବିହାରର ୧୯ ତମ ବାର୍ଷିକ ଶୁଭ ଉଦବୋଧନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରମପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଅମୀୟ ଆଶୀର୍ବାଦକୁ ବହନ କରି ଠାକୁରଙ୍କର ଆବିର୍ଭାବ ମହାମହୋତ୍ସବ ଓ ମନ୍ଦିରର ଉଦବୋଧନୀ ସ୍ମୃତି ମହୋତ୍ସବ ଆୟୋଜିତ ହୋଇଥିଲା। ରବିବାର ସାରା ଦିବସ ବ୍ୟାପି ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ ସହ ପାଳିତ ହୋଇଥିଲା । ଏହି ଅବସରରେ ବ୍ରହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ନହବତ, ଉଷାକୀର୍ତ୍ତନ, ଉଷା ବିନତି ନାମ ଜପ, ସଦଗ୍ରନ୍ଥ ପାଠ, ସ୍ୱସ୍ତି ମହାଯଜ୍ଞ,ପ୍ରଣାମ ନିବେଦନ ଆୟୋଜନ ହୋଇଥିଲା । ତତପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରଥାରୂଢ ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହ ସତସଙ୍ଗ ବିହାର ନିକଟରୁ ବାହାରି ଏନଏସି ଗେଟ, ଯୋଡ଼ା ବସଷ୍ଟାଣ୍ଡ, ଯୋଡ଼ା ମାର୍କେଟ, ବନେଇକଳା ବସ୍ତି ସହ ସମଗ୍ର ଯୋଡ଼ା ନଗର ପରିକ୍ରମା କରିଥିଲେ। ନଗର କୀର୍ତ୍ତନ ସହ ନାମ ସଂକୀର୍ତ୍ତନରେ ଶହ ଶହ ଅନୁଗାମୀ ଓ ଶ୍ରଦ୍ଧାଳୁ ପୁରୁଷ ଏବଂ ମହିଳା ଭକ୍ତ ସାମିଲ ହୋଇ ଭଜନକୀର୍ତ୍ତନ କରିଥିଲେ । ସତସଙ୍ଗ ବିହାର ପରିସରରେ ପହଞ୍ଚିବା ପରେ ସତସଙ୍ଗ ବିହାର ପଡିଆ ଠାରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ସତସଙ୍ଗ ବିହାରର ରିତିକ୍ କାଶୀନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଠାକୁରଙ୍କ ଆଦର୍ଶ ଏବଂ ତାଙ୍କର ମହନୀୟ ବାଣୀ ଉପରେ ଆଲୋକପାତ କରିଥିଲେ। ରିତିକ୍ ପ୍ରଶାନ୍ତ ସିଂହ ଯୋଗ ଦେଇ ଠାକୁରଙ୍କୁ ନିଷ୍ଠା ଓ ଭକ୍ତିର ସହିତ ସାଧନା କଲେ ଜୀବନର ଉନ୍ନତି ଘଟିବ ଏବଂ ମଣିଷ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ରିତିକ ମଦନ ମୋହନ ବାରିକ ଓ ରିତିକ ନାରାୟଣ ପ୍ରସାଦ ରଥ ନିଜ ବକ୍ତବ୍ୟରେ କହିଥିଲେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆଧାତ୍ମିକ ଚିନ୍ତାଧାରା ଏବଂ ତାଙ୍କର ବାଣୀ କିଭଳି ଆହୁରି ଅଧିକ ପ୍ରସାରିତ ହୋଇପାରିବ ଓ ସତସଙ୍ଗ ମାଧ୍ୟମରେ ସ୍ୱାର୍ଥ ବିହୀନ ପ୍ରେମ ସମସ୍ତଙ୍କ ମଧ୍ୟରେ ଜାଗ୍ରତ କରାଯାଇପାରିବ ସେ ସମ୍ପର୍କରେ ଅନୁଗାମୀଙ୍କୁ ପରାମର୍ଶ ଦିଆଯାଇଛି।

# ଚାରି ଭାଇ ଭଉଣୀଙ୍କ ବୋଝ ସତ୍ୟବତୀଙ୍କ କାନ୍ଧରେ

ରାଇଘର, (ମହାଭାରତ) : ବୟସ ମାତ୍ର ଚଉଦ ବର୍ଷ ଏହି ବୟସରେ ସାଙ୍ଗ ସାଥି ସହ ଖେଳିବା ଓ ପାଠ ପଢ଼ିବାର ବୟସ କିନ୍ତୁ କାନ୍ଧରେ ଚାରି ଭାଇ ଭଉଣୀ ଙ୍କ ପରିବାର ର ବୋଝ ସତ୍ୟବତୀ ଉପରେ। ଦୁଇ ଭାଇ ଓ ଦୁଇ ଭଉଣୀ ଙ୍କ ପାଠ ପଢା ଓ ଖାଦ୍ୟ ଯୋଗାଡ଼ ସକାଶେ ସତ୍ୟବତୀ ନିଜ ପାଠ ପଢ଼ାରେ ଡୋରି ବାନ୍ଧିଦେଇଛନ୍ତି। ହାରି ଯାଇନାହାନ୍ତି ସତ୍ୟବତୀ ପାଠ ପଢା ବୟସରେ ଭାଇ ଭଉଣୀ ଙ୍କ ଭବିଷ୍ୟତ ସକାଶେ ଏକା ଧାରାରେ ବାପା ଭଳି ରୋଜଗାର କରୁଛନ୍ତି ମା ଭଳି ସ୍ନେହ ଦେଇ ଲାଳନ ପାଳନ କରୁଛନ୍ତି । ଏମିତି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତୁମୁଡା ଗ୍ରାମରେ । ଗ୍ରାମବାସୀ ପାଞ୍ଚ ଶିଶୁ ର ଭବିଷ୍ୟତ ସକାଶେ ସରକାର ପାଖରେ ନିବେଦନ କରିଛନ୍ତି ଛୁଆ ମାନଙ୍କୁ ଆଶ୍ରମ ବିଦ୍ୟାଳୟ କିମ୍ବା ଅନାଥ ଆଶ୍ରମ ରେ ଥଇଥାନ ବ୍ୟବସ୍ଥା ସରକାର ପକ୍ଷରୁ କଲେ ପାଞ୍ଚ ଶିଶୁ ର ଭବିଷ୍ୟତ ଉଜ୍ଜଳ ହୋଇଥାନ୍ତା। ଏହି ସମ୍ପର୍କ ରେ ସାମାଜିକ ପଛୁଆ ବର୍ଗ, ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ସହ ଯୋଗାଯୋଗ କରିବାରୁ ସେ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଛନ୍ତି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତୁମୁଡା ଗ୍ରାମର ସାନୁ ଗଣ୍ଡ ପ୍ରାୟ ଏକ ବର୍ଷ ପୂର୍ବେ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିଲେ ପ୍ରାୟ ଦୁଇ ମାସ ତଳେ ମା ସାମବତୀ ଗଣ୍ଡ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କଲେ । ବାପା ମା ଦୁଇ ଜଣଙ୍କ ମୃତ୍ୟୁ ପରେ ତିନି ଝିଅ ଓ ଦୁଇ ପୁଅ ପାଞ୍ଚ ଜଣ ଶିଶୁ ଅନାଥ ହୋଇଗଲେ । ଶୁଦ୍ଧ କାର୍ଯ୍ୟ ସରିବା ପରେ ସମ୍ପର୍କୀୟ ମାନେ ଫେରିଗଲା ପରେ ଚଉଦ ବର୍ଷ ର ବଡ଼ ଝିଅ ନବମ ଶ୍ରେଣୀ ର ଛାତ୍ରୀ ସତ୍ୟବତୀ ଉପରେ ପଡିଲା ପରିବାର ର ବୋଝ ସାନ ଭାଇ ଭଉଣୀଙ୍କ ପେଟର ଜ୍ୱାଳା ମେଣ୍ଟାଇବାକୁ ଅଣ୍ଟା ଭିଡ଼ିଲେ ସତ୍ୟବତୀ ଦିନ ମଜୁରିଆ କାମ କରି ତହିଁରେ ଯାହା ରୋଜଗାର କଲେ ସେଥି ?ରେ ଡାଲି ଚାଉଳ କିଣି ନିଜେ ରୋଷେଇ କରି ସମସ୍ତ ଙ୍କ ମୁହଁରେ ଆହାର ଯୋଗାଇଲେ ।ପାଠ ପଢିବାକୁ ବିଦ୍ୟାଳୟ କୁ ପଠାଉଛନ୍ତି କିନ୍ତୁ ଯାହା ରୋଜଗାର କରୁଛନ୍ତି ଓ ବୟସ କମ ଦୃଷ୍ଟିରୁ ପାଞ୍ଚ ପ୍ରାଣୀ ଚଳିବା କଷ୍ଟକର ହେଉଛି, ବେଳେ ବେଳେ ଭୋକରେ ଶୋଇବାକୁ ମଧ୍ୟ ପଡୁଛି ।ସତ୍ୟବତୀ ଙ୍କ ଧର୍ଯ୍ୟ ଓ ସାହସ କୁ ପ୍ରଶଂସା ଯୋଗ୍ୟ ବାପା ମା ଙ୍କ ମୃତ୍ୟୁ ପରେ ଭାଙ୍ଗି ନ ପଡି ଭାଇ ଭଉଣୀ ଙ୍କ ଭବିଷ୍ୟତ ପାଇଁ ସଂଘର୍ଷ ଆରମ୍ଭ କରିଛନ୍ତି । ସମ୍ପର୍କୀୟ ଓ ଗ୍ରାମବାସୀ ଯଥା ସମ୍ଭବ ସାହାଯ୍ୟ ଓ ସହଯୋଗ ର ହାତ ବଢ଼ାଉଛନ୍ତି କିନ୍ତୁ କେତେଦିନ ଏମିତି ଚାଲିବ କେତେଦିନ ସତ୍ୟବତୀ ପାଞ୍ଚ ଜଣ ଙ୍କ ସକାଶେ ଆହାର ଯୋଗାଡ଼ କରିପାରିବେ ତେଣୁ ସମସ୍ତେ ନିବେଦନ କରିଛନ୍ତି, ଜିଲ୍ଲା ପ୍ରଶାସନ ଓ ସରକାର ପକ୍ଷରୁ ପାଞ୍ଚ ଜଣ ଙ୍କ ଥଇଥାନ ବ୍ୟବସ୍ଥା କଲେ ଉପକୃତ ହୋଇଥାନ୍ତେ। ଏହି ସମ୍ପର୍କରେ ଓଡିଶା ସରକାର ଙ୍କ ସାମାଜିକ କଲ୍ୟାଣ, ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କୁ ଯୋଗାଯୋଗ କରିବାରୁ ପାଞ୍ଚ ଜଣ ଶିଶୁ ଙ୍କୁ କୌଣସି ହଷ୍ଟେଲ କିମ୍ବା ଅନାଥ ଆଶ୍ରମ ରେ ରହି ପାଠ ପଢିବା ବ୍ୟବସ୍ଥା କରିବା ସହ ଛୁଆ ମାନଙ୍କ ଭବିଷ୍ୟତ କିପରି ଉଜ୍ଜଳ ହେବ ତାହାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି । ବର୍ଷକ ମଧ୍ୟରେ ବାପା ମା ଦୁଇ ଜଣ ମୃତ୍ୟୁବରଣ ପରେ ଭାଙ୍ଗି ନାହାନ୍ତି ସତ୍ୟବତୀ ନିଜ ଭାଇ ଭଉଣୀ ଙ୍କ ପାଠ ପଢା ବ୍ୟବସ୍ଥା ପାଇଁ ନିଜେ ପାଠ ଛାଡିଛନ୍ତି, ଛୋଟ ବୟସରେ ସାହସିକ ପଦକ୍ଷେପ ବେଶ ପ୍ରଶଂସନୀୟ ।

## କାଇଥଳରେ ଦିବ୍ୟା ରାତ୍ର କ୍ରିକେଟ ମ୍ୟାଚ୍ ଉଦଯାପିତ

ଏରସମା, (ମହାଭାରତ) : ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତର କାଇଥଳ ଲକ୍ଷ୍ମୀ ପଡ଼ିଆରେ ମାଁ ଗଜଲକ୍ଷ୍ମୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ପ୍ରଥମ ଥର ପାଇଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଯାପିତ ହୋଇଯାଇଛି। ଏହି ଦିବ୍ୟା ରାତ୍ର ଟୁର୍ଣ୍ଣାମେଣ୍ଟ ଦୁଇ ଦିନଧରି ଚଳିଥିଲା । ୮ଟି ଟିମ ୮ଓଭର ଖେଳୁଥିବା ବେଳେ ଦୁଇଟି ଟିମ୍ ଫାଇନାଲ ମ୍ୟାଚ୍ ଖେଳୁଥିଲେ । ଏଥିରେ ବଡକୁଳ ଦଳ ବିଜୟ ଲାଭ କରିଥିଲା। ବାରହାଣ୍ଡିଆ ଦିତୀୟ ସ୍ଥାନରେ ରହିଥିଲା ଏଥିରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତର ସରପଞ୍ଚ ଦିପ୍ତି ରାଣୀ ପ୍ରଧାନ ଅତିଥି ଭାବରେ ଯୋଗଦେଇ ଦୁଇ ଦଳକୁ ବିଜୟର ପୁରସ୍କାର ପ୍ରଦାନ କରାଯାଇଥିଲେ।

## ସର୍ବ ଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ଉଦଯାପିତ

### ଜବାହରଲାଲ ନେହେରୁ ବନ୍ଦର ଚମ୍ପିଅନ ଓ ଚେନାଇ ବନ୍ଦର ରନର୍ସଅପ




ପାରାଦୀପ, (ମହାଭାରତ) : ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ତତ୍ୱାବଧାନରେ ପାରାଦୀପ ବନ୍ଦର ବିଜୁ କନଭେନସନ ସେଣ୍ଟର ଠାରେ ଚାଲିଥିବା ୪୧ତମ ସର୍ବ ଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ୨୦୨୫-୨୬ ରବିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସାରା ଦେଶର ପ୍ରମୁଖ ବନ୍ଦର ର କ୍ରୀଡ଼ାବିତ ମାନେ ପ୍ରତିନିଧିତ୍ୱ କରୁଥିବା ସାତୋଟି ଦଳ ମଧ୍ୟରେ ଉତ୍ସାହଜନକ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଖେଳାଳୀମାନେ ମ୍ୟାଚ୍ ଗୁଡ଼ିକରେ ଅସାଧାରଣ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ। ଏକ ଆକର୍ଷଣୀୟ ଫାଇନାଲରେ ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣ ଚମ୍ପିଅନ୍ ହୋଇଥିବା ବେଳେ ଚେନାଇ ବନ୍ଦର ପ୍ରାଧିକରଣ ରନର୍ସ ଅପ୍ ହୋଇଥିଲା। ସେହିପରି ପାରାଦୀପ ବନ୍ଦର ଏବଂ ମୁମ୍ବାଇ ବନ୍ଦର ମିଳିତ ଭାବରେ ଦ୍ୱିତୀୟ ରନର୍ସ ଅପ୍ ସ୍ଥାନ ହାସଲ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜୟୀ ଦଳଗୁଡ଼ିକୁ ଟ୍ରଫି ଏବଂ ପଦକ ପ୍ରଦାନ କରିଥିଲେ। ଏଥିସହ ଅଂଶଗ୍ରହଣକାରୀ ମାନଙ୍କୁ ଅଭିନନ୍ଦନ ଜଣାଇ ସେ ଭାରତର ବନ୍ଦର କର୍ମଚାରୀଙ୍କ ମଧ୍ୟରେ ଶୃଙ୍ଖଳା ଏବଂ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବାରେ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧକ୍ଷ ଟି.ଭେନୁ ଗୋପାଲ, ଗୋପବନ୍ଧୁ କ୍ରୀଡା ସଂସଦର ସଭାପତି ଏଚ୍.ଏସ୍.ରାଉତ, କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଏବଂ ସମ୍ପାଦକ ଧୃନ ଚନ୍ଦ୍ର ତରାଇ ଙ୍କ ସମେତ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ସଫଳ ପରିଚାଳନା ପାଇଁ ଖେଳାଳି, ଅଧିକାରୀ ଏବଂ ଆୟୋଜକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ହିନ୍ଦୁ ଧର୍ମ ର ବିଶେଷତ୍ୱ କହିଲେ ସ୍ୱାମୀ। ଏକାଠି ହେଲେ ହିନ୍ଦୁ ମା ଭଉଣି

ହାଟଡିହି, (ମହାଭାରତ) : ବିଶ୍ୱ ହିନ୍ଦୁ ସମ୍ମିଳନୀ ପାଳିତ ଅବସର ରେ ହାଟଡିହି ପଞ୍ଚ ଘଟ ସମିତି ପକ୍ଷରୁ ଏକ ବିଶ୍ୱ ଶାନ୍ତି ପୂଜା ଅର୍ଚ୍ଚନା କରାଯାଇଥିବା ବେଳେ ସ୍ୱାମୀ ଆଶ୍ରୟା ନନ୍ଦ ସରସ୍ୱତୀଙ୍କ ଦ୍ୱାରା ଗୋପୂଜା ଆରମ୍ଭ ହୋଇଥିଲା। ହିନ୍ଦୁ ଧର୍ମ ରେ କିପରି ପରିବେଶ, ଗୋ, ଧେନୁ। ସୂର୍ଯ୍ୟ ପୂଜା ର ବିଧି ରହିଛି ତାହା ର ନିଛକ ଚିତ୍ର ହିନ୍ଦୁ ଧର୍ମ ଅନୁସାରେ ନବଗ୍ରହଙ୍କ ମଧ୍ୟରେ ପୂଜା ଅର୍ଚ୍ଚନା ବର୍ଣ୍ଣିତ ଅଛି। ଏହାକୁ ସୁଦୂର ରାମକୃଷ୍ଣ ମିଶନ ଭୁବନେଶ୍ୱରରୁ ଆସିଥିବା ସ୍ୱାମୀ ଆଶ୍ରୟା ନନ୍ଦ ସରସ୍ୱତୀ ,ଶ୍ରୀ କମଳାକାନ୍ତ ସୁର, କେନ୍ଦୁଝର ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ମାର୍ଗଦର୍ଶନ ପ୍ରମୁଖ ବସନ୍ତ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର, କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ଭାରତୀୟ ଜନତା ପାର୍ଟି ସଂଗଠକ ଆଲୋକ ସେଠୀ, ଓ ଅନ୍ୟ ମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ପହି, ସୁଶାନ୍ତ ଜେନା, ହରମୋହନ ସାଶିନି, ନିକୁଞ୍ଜ ବିହାରୀ ଓଝା, ଦିନେଶ ସେଠୀ, ଅନ୍ତର୍ଯ୍ୟାମୀ ଖଣ୍ଡେଇ, ଙ୍କ ସହ ମହେଶ୍ୱର ସାହୁ, ସୁରେଶ କୁମାର ମହାନ୍ତି, ମାନସ ମହାନ୍ତି, ସଞ୍ଜୟ ବେହେରା, ଯୁଧିଷ୍ଠିର ବେହେରା, ରବୀନ୍ଦ୍ର ବିଦ୍ଧାଣି, ଶରତ ଯେନା, ବର୍ଷା ରାଣୀ ସାହୁ, ସୁକାନ୍ତି ପାତ୍ର, ଜୟନ୍ତୀ ପାତ୍ର, ମଞ୍ଜୁ ସାହୁ, ସଂଜୁ ସାହୁ, ଟିଂକିଲି ପାତ୍ର, ତପସ୍ୱିନୀ ପାତ୍ର, କଳସ ବୁଢ଼: ଯୁବକ ଦେବାଶିଷ ସେନାପତି, ରୁଦ୍ର ପ୍ରସାଦ ଯେନା, ଦେବାଶିଷ ଦାସ, କାଳନ୍ଦି ବେହେରା,ରାଜେନ୍ଦ୍ର ପ୍ରସାଦ ଦାସ, ପ୍ରଶାନ୍ତ ଯେନା, ଗୋପାଳ କୃଷ୍ଣ ସେନାପତି, ଶାନ୍ତନୁ ଖୁଣ୍ଟିଆ, ଭୀମସେନ ପେରଇ, ସୁରେନ୍ଦ୍ର କାଣ୍ଡି, ମନରଞ୍ଜନ ଦାସ, ଜଗନ୍ନାଥ ବାରିକ ପ୍ରମୁଖ ସହୋଯୋଗ କରି କାର୍ଯ୍ୟକ୍ରମ କୁ ସଫଳ କରାଇଛନ୍ତି।

## ରାନୁ ପାଇଲେ ରାଜ୍ୟ ସ୍ତରୀୟ ଷ୍ଟେମ ଏକ୍ସିଲେନ୍ସ ଆୱାର୍ଡ଼




କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଓରା ଠାରେ ଅବସ୍ଥିତ ସାନସୀମା ନୋଡାଲ ଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଗଣିତ ଓ ବିଜ୍ଞାନ ରେ ବିଷୟାଗତ ଅଗ୍ରଗତି ପାଇଁ ଷ୍ଟେମ୍ ଇନିସିଏଟିଭ୍ ଅନ୍ତର୍ଗତ 'ଖାନ୍ ଏକାଡେମି ' ରେ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରାନୁ ତରେଇ ଙ୍କ ନେତୃତ୍ୱ ରେ ସାନସୀମା ନୋଡ଼ାଲ ହାଇସ୍କୁଲ , ରାଜ୍ୟ ସ୍ତରରେ ୩୪ ତମ ସ୍ଥାନ ଅଧିକାର କରିଥିବାରୁ , ତା- ୦୬/୦୨/୨୦୨୬ ରିଖ ଦିନ ଆଇ.ସି.ଟି ୱେଲକମ୍ ହୋଟେଲ୍ ,ତୁମଡୁମା, ଭୁବନେଶ୍ୱର ଠାରେ ଶିକ୍ଷୟିତ୍ରୀ ରାନୁ ତରେଇ ଙ୍କୁ ରାଜ୍ୟ ସ୍ତରୀୟ ଷ୍ଟେମ୍ ଏକ୍ସିଲେନ୍ସ ଆୱାର୍ଡ଼ ରେ ସମ୍ମାନୀତ କରାଯାଇ ଥିବାରୁ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି।

## ମା ବୁଢି ଜାଡୁଆଣୀ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର



ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଜଗତି ଗ୍ରାମରେ ରବିବାର ଦିନ ମା ବୁଢି ଜାଡୁଆଣୀ ଯୁବକ ସଙ୍ଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମା ବୁଢି ଜାଡୁଆଣୀ ଯୁବକ ସଂଘ ଉପଦେଷ୍ଟା ଜୀବନ ଜ୍ୟୋତି ସ୍ୱାଇଁଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଲକ୍ଷ୍ମୀକାନ୍ତ ଦାସ, ମନୋଜ ମହାନ୍ତି, ତପନ ଦାସ ପ୍ରମୁଖ ଯୁବକ ସଂଘର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବରେ ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ଶିକ୍ଷାବିତ ମାୟାଧର ଦାସ, ଜଗତି ଗ୍ରାମ୍ୟ କମିଟି ସଭାପତି ଇଂ.ପ୍ରଶାନ୍ତ କୁମାର ଚୌଧୁରୀ, ମହାପାତ୍ର ଇଣ୍ଡେନ ଗ୍ୟାସ ପ୍ରୋପ୍ରାଇଟର ସୌମେନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ମୃତ୍ତିକା ବିଜ୍ଞାନୀ ବାବାଜୀ ସେଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ମହିଳା ସମାଜସେବୀ ଏବଂ ରକ୍ତଦାତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗତସିଂହପୁର ଜିଲ୍ଲା ରେଡ଼କ୍ରସ ସୋସାଇଟି ସହାୟତାରେ ଏହି ଶିବିରରେ ସର୍ବମୋଟ ୭୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା କ୍ଷ ଗ୍ରାମର ସଂଖ୍ୟାଧିକ ମହିଳା ଏବଂ ଚାଷୀ ଓ ଗ୍ରାମର ଅଧିବାସୀ ମାନେ ଆଗ୍ରହର ସହିତ ରକ୍ତଦାନ କରିଥିଲେ। ପାରାଦୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ଏବଂ ପାରାଦୀପ-କଟକ ରାଜ୍ୟ ରାଜପଥରେ ସଡକ ଦୁର୍ଘଟଣାରେ ଗୁରୁତର ରୋଗୀ, ପାରାଦୀପରେ ଗଢି ଉଠିଥିବା ଶିଳ୍ପକାରଖାନାରେ ଦୁର୍ଘଟଣାର ଶିକାର ହେଉଥିବା ଗୁରୁତର ରୋଗୀ ଏବଂ ଥାଲାସେମିଆ ରୋଗରେ ପୀଡିତ ଙ୍କ ପାଇଁ ଆବଶ୍ୟକ ପଡୁଥିବା ରକ୍ତାଭାବ ଦୂର କରିବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ଆୟୋଜକମାନେ କହିଛନ୍ତି। ଯୁବକ ସଂଘ ସଦସ୍ୟମାନଙ୍କ ଏପରି ପ୍ରଚେଷ୍ଟାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ତଲଜାରିଂରେ ଆଇପିଏଲ୍ ମକା ଟେଣ୍ଡରକୁ ନେଇ ଅସନ୍ତୋଷ ସ୍ଥାନୀୟ ଚାଷୀ ଓ ରୋଜଗାର ପ୍ରସଙ୍ଗରେ ଉଠିଲା ପ୍ରଶ୍ନ ?

## ବାହରିଆ ଭେଣ୍ଡରକୁ ଅନୁକମ୍ପା, ଆଇପିଏଲ କମ୍ପାନୀ କାହା ସ୍ୱାର୍ଥରେ ?



ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଲଜାରିଂ ପଞ୍ଚାୟତର ତଲଜାରିଂ ଗ୍ରାମରେ ଅବସ୍ଥିତ ଆଇପିଏଲ୍ ଇଣ୍ଡିଆନ ପୋଟାଶ ଲିମିଟେଡ କମ୍ପାନୀର ମକା କ୍ରୟ ସମ୍ପର୍କିତ ଟେଣ୍ଡରକୁ ନେଇ ଏବେ ଅଞ୍ଚଳରେ ଭାରି ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ମକା ଚାଷୀଙ୍କୁ ଅଣଦେଖା କରାଯାଇ ବାହାର ଜିଲ୍ଲା ଓ ବାହାର ରାଜ୍ୟର ଲୋକଙ୍କ ସହ ଚୁକ୍ତି ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି,ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁସାରେ, ଦୀର୍ଘ ବର୍ଷ ଧରି ସେମାନେ ମକା ଚାଷ କରି ଏହି କମ୍ପାନୀକୁ ଉତ୍ପାଦ ଯୋଗାଇ ଆସୁଛନ୍ତି। କିନ୍ତୁ ଏଥର ଟେଣ୍ଡର ପ୍ରକ୍ରିୟାରେ ସ୍ଥାନୀୟ ଚାଷୀଙ୍କୁ ଯଥାଯଥ ସୁଯୋଗ ମିଳିନାହିଁ ବୋଲି ଅଭିଯୋଗ ହେଉଛି। ଟେଣ୍ଡର ପ୍ରକ୍ରିୟା କେବଳ ନାମକୁ ମାତ୍ର ରଖାଯାଇଥିଲା ଓ ପୂର୍ବରୁ ଆଗୁଆ ଭାବେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସହ ଚୁକ୍ତି ସ୍ଥିର ହୋଇଥିବା ଆଶଙ୍କା କୋଣ ଅନୁକୋଣରେ ଚର୍ଚ୍ଚା କରାଯାଉଛି ।ଏହି ମାମଲାକୁ ନେଇ ସ୍ଥାନୀୟ ଚାଷୀ ସଂଗଠନ ମାନେ ମଧ୍ୟ ଖୋଲାମେଲା ଭାବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀ ସଂଗଠନର ନେତାମାନେ କହନ୍ତି ,ଯଦି କମ୍ପାନୀ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରୁଛି, ତେବେ ପ୍ରଥମ ଅଧିକାର ସ୍ଥାନୀୟ ମକା ଚାଷୀଙ୍କର ହେବା ଉଚିତ। ସେମାନଙ୍କ ଅଭିଯୋଗ ହେଉଛି ଯେ, ଚାଷୀ ସଂଗଠନକୁ ନ ଜଣାଇ, ନା ଆଲୋଚନା କରି, ଟେଣ୍ଡର ପ୍ରକ୍ରିୟା ଆଗକୁ ବଢ଼ାଯାଇଛି, ଯାହା ଅସନ୍ତୋଷକୁ ଆଉ ବଢ଼ାଇଛି ।ଏହା ସହିତ, ରୋଜଗାର ପ୍ରସଙ୍ଗରେ ମଧ୍ୟ ଅଭିଯୋଗ ଉଠିଛି। ସ୍ଥାନୀୟ ଯୁବକମାନଙ୍କ କହିବା ଅନୁସାରେ, ନିଜ ଅଞ୍ଚଳରେ ଥିବା ଏହି ବଡ଼ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ଚାକିରି ଦେବାରେ ଅଗ୍ରାଧିକାର ଦେଉନାହିଁ। ବାହାର ରାଜ୍ୟର ଲୋକଙ୍କୁ କାମ ଦିଆଯାଉଥିବାରୁ ଗ୍ରାମାଞ୍ଚଳରେ ବେରୋଜଗାର ସମସ୍ୟା ଆଉ ଗଭୀର ହେଉଛି ବୋଲି ମତ ପ୍ରକାଶ ପାଇଛି,ଚାଷୀ ସଂଗଠନମାନେ ଏହି ସମଗ୍ର ବିଷୟରେ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି। ଟେଣ୍ଡର ପ୍ରକ୍ରିୟା, ଚୁକ୍ତି ବଣ୍ଟନ ଓ ନିଯୁକ୍ତି ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରି ପାରଦର୍ଶୀ ତଦନ୍ତ କରାଯିବାକୁ ସେମାନେ ଦାବି କରୁଛନ୍ତି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଚାଷୀ ସଂଗଠନ ମତ ପ୍ରକାଶ କରିଛି ।ଏହି ସମୟରେ ସବୁଙ୍କ ନଜର ଉପରିସ୍ଥ ପ୍ରଶାସନ ଉପରେ ରହିଛି ତଲଜାରିଂ ମାମଲାରେ ସ୍ଥାନୀୟ ମକା ଚାଷୀ ଓ ଚାଷୀ ସଂଗଠନଙ୍କ ଦାବିକୁ ଗୁରୁତ୍ୱ ଦିଆଯିବ କି, ନା ଏହି ଅଭିଯୋଗ ମଧ୍ୟ ପୂର୍ବବତ୍ ଭାବେ ଚର୍ଚ୍ଚାରେ ସୀମିତ ରହିଯିବ ସେଥିପାଇଁ ସମସ୍ତେ ଅପେକ୍ଷା କରୁଛନ୍ତି। ଏହି ଭଳି କାରଖାନାକୁ ଜିଲ୍ଲା ଶିଳ୍ପ ପ୍ରଶାସନ,ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ସହ ଜନ୍ମ ଦିନ ପାଳିତ



କପ୍ତିପଦା, (ମହାଭାରତ) : ପିଲା ମାନଙ୍କ ଖୁସି ରେ ଆମେ ଖୁସି। କିଛି କରିବା ରେ ମନ କୁ ଦିଏ ଆତ୍ମସନ୍ତୋଷ। ନିଜେ ଗରିବ ପରିବାର ରେ ଜନ୍ମ କରିଥିଲେ ସେଥିପାଇଁ ଅସହାୟ ଙ୍କ ଦୁଃଖ ଦେଖିଲେ ନିଜେ ହୋଇ ଯାଆନ୍ତି ଦୁଃଖୀ। ମଣିଷ ର ଅନ୍ତର ର ବେଦନା କୁ ସତେ ଯେମିତି ସେ ବୁଝି ପାରନ୍ତି ! ନିଜର କଷ୍ଟ ହେଉ ପଛେ ଅନ୍ୟ କୁ ସହୋଯଗ କରିବାରେ ତାଙ୍କୁ ମିଳିଥାଏ ଅସରନ୍ତି ଖୁସି। ସେଥିପାଇଁ ପାଇଁ ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଯେତିକି ପରିଚିତ ଥିଲେ ତା ଠାରୁ ନିଜର ମହାନତା ପାଇଁ ବେଶ୍ କିଛି ପ୍ରସଂଶା ସାଉଁଟିଛନ୍ତି । ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ବେଲଡିହା ଗ୍ରାମ ର ଏ ହେଉଛନ୍ତି ଅବସର ପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ମହାକୁଡ। ଶିକ୍ଷକ ଙ୍କ ମହାନତା କୁ ନେଇ ଏବେ ବେଶ୍ ଚର୍ଚ୍ଚା। ଆଜି ର ଦୁନିଆ ରେ ସ୍ୱାମୀ ଓ ସ୍ତ୍ରୀ ମଧ୍ଯ କେତେକ ସମୟରେ ମତାନ୍ତର ହୁଏ ! ତେବେ ଏ ସ୍ୱାମୀ ଓ ସ୍ତ୍ରୀ ଙ୍କ ମଧ୍ଯ ରେ ଭଲ ପାଇବା ଏକ ନିଆରା। ଆଜକୁ ତିନି ବର୍ଷ ହେବ ସ୍ତ୍ରୀ ଙ୍କ ଜନ୍ମ ଦିନ କୁ ଏକ ନିଆରା ଢଙ୍ଗ ରେ ପାଳି ଆସୁଛନ୍ତି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଜନ୍ମ ଦିନ ପାଳନ କୌଣସି ହୋଟେଲ କି ଘରେ ନୁହଁେ ! ଜନ୍ମ ଦିନ ପାଳନ କରାଯାଉଥିବା ଏ ହେଉଛି ଏକ ବିଦ୍ୟାଳୟ। ପୁଣି ଏ ଏମିତି ସେମିତି ବିଦ୍ୟାଳୟ ନୁହେଁ। ବିଶେଷ କରି ଏହି ଦିବ୍ୟାଙ୍ଗ ପିଲା ମାନଙ୍କ ସହ ଜନ୍ମ ଦିନ ପାଳନ କରି ବେଶ୍ ଖୁସି ପ୍ରକଟ କରିଛନ୍ତି।

## ଢ଼ିହିରାକୁଳ ଗ୍ରାମରେ ପୂଜା ପାଇଲେ ଶତାଧିକ ଗୁରୁଜନ



କପ୍ତିପଦା, (ମହାଭାରତ) : ଉଦଳା ବ୍ଲକ ଅଧୀନରେ ଥିବା ସଂସ୍କୃତି ସମ୍ପନ୍ନ ଗ୍ରାମ ଭାବେ ପରିଚିତ ଢ଼ିହିରାକୁଳ ଗ୍ରାମରେ ରବିବାର ଦିନ ସାଢ଼େ ୧୦ ଟା ସମୟରେ ଗ୍ରାମ ଦୋଳ ମଣ୍ଡପରେ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଏନଏସି ଅଧକ୍ଷ ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଥାନା ଅଧିକାରୀ ବନମାଳୀ ବାରିକ, ଉଦଳା ଏନଏସି ଉପନଗରପାଳ ଲିଲି ଭୋଳ, ମୟୁରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା, ସମ୍ପାଦକ ଡ଼. ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ଯୋଗ ଦେଇ ଆଜିର ସାଂସ୍କୃତିକ ଓ ନୈତିକତା ଅବକ୍ଷୟମୁଖୀ ସମାଜ ପାଇଁ ଗୁରୁଜନ ପୂଜନ କାର୍ଯ୍ୟକ୍ରମର ଉପାଦେୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୁରୁଜନ ମାନଙ୍କ ଅଭିଜ୍ଞତା ପୂର୍ଣ୍ଣ ଜୀବନ, ସେମାନଙ୍କ ଉପଦେଶ କେବଳ ସେମାନଙ୍କ ଘର ପାଇଁ ନୁହେଁ ସମାଜ ପାଇଁ ମଧ ତାଙ୍କର ବାର୍ତ୍ତା ପଥ ପ୍ରଦର୍ଶକ ହୋଇଥାଏ। ଗୁରୁଜନମାନେ ଆମ ସମାଜ ପାଇଁ ବୋଝ ନୁହଁନ୍ତି ସେମାନଙ୍କୁ ଅବହେଳା ଓ ଉପେକ୍ଷା କଲେ ଆମ ଭବିଷ୍ୟତ କେବେ ମଙ୍ଗଳମୟ ହେବ ନାହିଁ। ମାତା ପିତା ଆମର ଜୀବନ୍ତ ଦେବତା ସେମାନଙ୍କ ସେବା ହିଁ ଠାକୁରଙ୍କ ପ୍ରକୃତ ପୂଜା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି ଗୁରୁଜନ ପୂଜନ କାର୍ଯ୍ୟକ୍ରମରେ ଗ୍ରାମର ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିର, ସାଗର ଡ୍ୟାନ୍ସ ଏକାଡେମୀ ଏବଂ ଗୋପୀନାଥ ଜୀଉ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ମାତାପିତାଙ୍କ ପାଇଁ ଆମର କର୍ତ୍ତବ୍ୟ ଆଧାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଗୁରୁଜନ ପୂଜନ ଉତ୍ସବରେ ଗ୍ରାମରେ ଥିବା ୬୦ ବର୍ଷ ରୁ ଉର୍ଦ୍ଧ ଶତାଧିକ ମହିଳା ପୁରୁଷ ଗୁରୁଜନ ତା ଛଡା କପ୍ତିପଦା ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ଗୁରୁଜନମାନେ ଯୋଗଦାନ କରିଥିଲେ। ଗୁରୁଜନ ପୂଜନ କମିଟି ସଦସ୍ୟମାନେ ଗୁରୁଜନ ମାନଙ୍କ ପାଦ ଧୋଇବା ସହିତ ପୁଷ୍ପ ଚନ୍ଦନ, ଫୁଲ ଆଦି ଦେଇ ପୂଜା କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ। ତା ଛଡା ଜଳ ଯୋଗ, ମଧ୍ୟାହ୍ନ ଭୋଜନ ପ୍ରଦାନ ପୂର୍ବକ ଗୁରୁଜନମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ କମିଟିର ବରିଷ୍ଠ ସଦସ୍ୟ ତଥା ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ। ସଦସ୍ୟ ସର୍ବେଶ୍ୱର ହାତୀ, ପ୍ରଦୀପ କୁମାର ବେହେରା, ନାରାୟଣ ପୃଷ୍ଟି, ରମାକାନ୍ତ ପାତ୍ର, ଜୟନ୍ତ କୁମାର ବେହେରା, ମଧୁସୂଦନ ହାତୀ, ଦୟାନିଧି ପୃଷ୍ଟି, ପ୍ରମୋଦ ସାହୁ, ସତ୍ୟପ୍ରିୟ ସାହୁ, ପିନାକୀ ବେହେରାଙ୍କ ସମେତ ଗ୍ରାମରେ ଥିବା ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଫଳ କରାଇଥିଲେ।

## ସୁନା ଅଳଙ୍କାର ଜବତ: ତିନି ଅଭିଯୁକ୍ତ ଗିରଫ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସେରଙ୍ଗ ଥାନାଞ୍ଚଳରେ ହୋଇଥିବା ଚୋରୀ ଘଟଣାରେ ପୋଲିସକୁ ମିଳିଛି ବଡ ସଫଳତା। ଚୋରୀ ହୋଇଥିବା ସମସ୍ତ ଅଳଙ୍କାରକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ମରାଠୀ ଗିରିବାବୁ, ଅରୁଣ କୁମାର ପ୍ରଧାନ ଓ ମୂରଲୀ ନାୟକ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ସୂଚନା ମୁତାବକ ସେରଙ୍ଗ ଥାନା ଗାଇବା ଅନ୍ତର୍ଗତ ମାରିଗୁଡା ଗ୍ରାମର ଆର.ଲକ୍ଷ୍ମୀ କୁମାରୀ ତା.୨୫-୧-୨୦୨୬ରିଖ ଦିନ ୧୧ଘଣ୍ଟା ସମୟରେ ଘରେ ତାଲା ପକାଇ ନିଜ ମାଁଙ୍କୁ ଧରି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟରେ ଥିବା ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବାକୁ ଯାଇଥିଲେ । ସେହିଦିନ ରାତ୍ର ପ୍ରାୟ ୧୨ଘଣ୍ଟା ସମୟରେ ଘରକୁ ଫେରିଥିଲେ । ସେତେବେଳେ ଆର.ଲକ୍ଷ୍ମୀ କଲ୍ୟାଣୀ ତାଙ୍କ ଘରର ପଛପଟ କବାଟର ହୁକ୍ ଭାଙ୍ଗି ପଡିଛି । ତାପରେ ଘରେଥିବା ଗୋଦରେଜ୍ ଆଲମିରା ର ତାଲା ଭାଙ୍ଗି ପ୍ରାୟ ୨୬୬.୭୮ ଗ୍ରାମ୍ ଓଜନର ସୁନା ଓ ରୂପା ଅଳଙ୍କାର ଚୋରୀ ହୋଇଥିବାର ଜାଣିବାକୁ ପାଇଥିଲେ । ଏନେଇ ସେ ଘଟଣା ସମ୍ପର୍କରେ ସେରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଏହି ମାମଲାର ତଦନ୍ତ ଡିଏସପି ଅମିତାଭ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏସ.ଆଇ ରାମକୃଷ୍ଣ ଦାସ କରୁଥିଲେ।

# ନର୍ମଦାଶ୍ୱରାୟ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ତରଫରୁ ସାମ୍ବାଦିକ ସମ୍ମିଳନୀ




କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ କୁମୁଣ୍ଡି ପଞ୍ଚାୟତ ଉପରଜାଗର ଠାରେ ରବିବାର ନର୍ମଦାଶ୍ୱରାୟ ଖଣି ପ୍ରଭାବିତ ଅଞ୍ଚଳ ବାସୀଙ୍କ ତରଫରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଉପରଜାଗର, ତଳଜାଗର, ଉରୁମୁଣ୍ଡା ଆଦି ତିନୋଟି ଗ୍ରାମର ମୂଳ ଆଦିବାସୀ ଜଙ୍ଗଲଜାତ କେନ୍ଦୁ, ଚାହାର, ଛତୁ, କରଡି, ମହୁ, ଝୁଣା, ଅଁଳା, ପତ୍ର, କେନ୍ଦୁପତ୍ର ଏବଂ ପତ୍ରୁଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଖଣି ପ୍ରଭାବିତ ପୂର୍ବରୁ ଗ୍ରାମସଭାରେ ଗ୍ରାମବାସୀ ଖଣି କାର୍ଯ୍ୟ ଚଳାଇବା ପାଇଁ ପ୍ରସ୍ତାବ ଦେଇଥିଲେ ଏବଂ ଗ୍ରାମର ଭଦ୍ରବ୍ୟକ୍ତି ମାନଙ୍କୁ ନେଇ ଆଲୋଚନାରେ ରାସ୍ତା, ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, କର୍ମନିଯୁକ୍ତି, ପିଇବା ପାଣି, ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ଖଣି ଖନନ ଶ୍ରମିକମାନଙ୍କ ଦ୍ୱାରା ଚାଲି ଆସୁଥିଲା। ୨୦୧୨-୧୩ ମସିହାରେ ସରକାରଙ୍କ ନିୟମକୁ ପାଳନ ନ କରିବାରୁ ଦୀର୍ଘବର୍ଷ ଧରି ମାଇନ୍ସ ବନ୍ଦ ହୋଇଥିଲା। ଫଳରେ ସ୍ଥାୟୀ ଶ୍ରମିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଜିଲା ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି ତୋ ଅନେକ କର୍ମ ନପାଇ ଘରେ ହାତ ବାନ୍ଧି ବସିଛନ୍ତି। ଏବେ ବନ୍ଦ ପଡିଥିବା ମାଇନ୍ସକୁ ଚାଲୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବିଷୟରେ ଜାଣିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା।ଅନ୍ୟପକ୍ଷରେ ଉକ୍ତ ଖଣି ଡିଭି ପ୍ରୋଜେକ୍ଟ ଦ୍ୱାରା ଚାଲୁ ହେଲା ମାତ୍ର ଏଠାରେ ଶ୍ରମିକ ବଦଳରେ ମେସିନ ସାହାଯ୍ୟରେ ଖଣି କାର୍ଯ୍ୟ ଚାଲୁଥିବା ଦେଖି ତୀବ୍ର ଅସନ୍ତୋଷ ଦେଖାଦେଇଛି। ରେଜିଙ୍ଗ, ଲେବର, ଲୋଡିଂ ଓ ପାଲ ବନ୍ଧା କାମ ହରାଇ ଶ୍ରମିକମାନେ ରୋଜଗାର ହରାଇ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ ହୋଇଛି। ଏଣୁ ପୁତୁଳିପାଣି ମାଇନ୍ସ ଦ୍ୱାରା ଖଣି କ୍ଷତିଗ୍ରସ୍ତ ଜଙ୍ଗଲହରା, ଜମିହରା ଓ ମୂଳବାସିନ୍ଦାଙ୍କୁ ଖଣିରେ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ରାସ୍ତା ଓ ଗ୍ରାମର ବିକାଶ ମୂଳକ କାମ ଓ ଲଡିଙ୍ଗ କାମ, ରେଜିଙ୍ଗ କାମ, ରେବୁଲିଙ୍ଗ ଏବଂ ପାଲ ବାନ୍ଧିବା କାମ, ଟ୍ରାନ୍ସପୋର୍ଟ ଆଦି କାମ ଯୋଗାଇ ଦେବାକୁ ଦାବି ହୋଇଛି। ଆଗମୀ ଦିନରେ ନର୍ମଦାଶ୍ୱରାୟ ଖଣି ପ୍ରଭାବିତ ଅଞ୍ଚଳ ଟ୍ରଷ୍ଟ ଦ୍ୱାରା ଖଣିରେ କାମ ଦିଆ ନ ଗଲେ ଖଣି ଖନନ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ନର୍ମଦାଶ୍ୱରାୟ ଖଣି ପ୍ରଭାବିତ ଅଞ୍ଚଳ ଟ୍ରଷ୍ଟ ସଭାପତି ଯଶୋଦା ସେନାପତି, ସମ୍ପାଦିକା ଯମୁନା ପୂର୍ତ୍ତି, ଶ୍ରମିକ ନେତା ଖଗେଶ୍ୱର ପୂର୍ତ୍ତି, ସଦସ୍ୟା କୁନି ଦେହୁରୀ, ସୂର୍ଯ୍ୟ ମୁଣ୍ଡା ସମେତ ତିନି ଗ୍ରାମର ଶତାଧିକ ଗ୍ରାମବାସୀ ମାନେ ଉପସ୍ଥିତ ରହି ଦାବୀ କରିଛନ୍ତି।

## ଏକର ଏକର ଜମିରେ ଚୋରା ଅଫିମ ଚାଷ, ଅଫିମ ଚାଷକୁ ନଷ୍ଟ କଲା ପ୍ରଶାସନ



କୋଇଡା, (ମହାଭାରତ) : ଘଟଣାଟି ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅଞ୍ଚଳର । ଗତକାଲି ଶନିବାର ସମୟ ସକାଳ ପାଖାପାଖି ୮ ରୁ ୯ ହେବ । ହଠାତ ଗାଁ ଦେଇ ଗାଁ ପାର ହେଲା ୬ ରୁ ୮ ପୋଲିସ ଗାଡି । ପୋଲିସ ଗାଡି ଦେଖି ଭୟରେ ଗ୍ରାମର ବାସିନ୍ଦା । କଣ ହେଇଛି ଏତେ ସକାଳୁ ଏତେ ପୋଲିସ ଗାଡି ପୋଲିସ ଭ୍ୟାନ ଗାଁ ଦେଇ କୁଆଡେ ଗଲା । ସେ ଚିନ୍ତାରେ ଗ୍ରାମବାସୀ । ଗ୍ରାମରୁ ୪ ରୁ ୫ କିଲୋମିଟର ଦୂର ଗଲାପରେ ହଠାତ ଅଟକିଲା ପୋଲିସ ଗାଡି । ଆଉ ସଙ୍ଗେ ସଙ୍ଗେ ପୋଲିସର ଯବାନ ମାନେ ଭ୍ୟାନରୁ ଓହ୍ଲାଇ ପଶିଲେ ଜଙ୍ଗଲ ଭିତରେ ଆଉ ଜଙ୍ଗଲ ଭିତରେ ଯାହା ଦେଖିଲେ ହଠାତ ଅବାକ ହେଇଗଲେ । କଣ ସବୁ ଇଏ । ଏକର ଏକର ଜମିରେ କିଏ କରିଛି ଏ ଅଫିମ ଚାଷ । ଘଟଣା ଟି ଥିଲା ଏମିତି ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଲା କୋଇଡା ଥାନା ଅନ୍ତର୍ଗତ କାଲଟା ପଞ୍ଚାୟତର କୁସୁମୁଣ୍ଡି ଗ୍ରାମ ଠାରୁ ୪ ରୁ ୫କିଲୋମିଟର ଦୂରରେ ହୋଇଛି ଅଫିମ ଚାଷ । ଖବର ପାଇଲା ପରେ ଅବକାରୀ ବିଭାଗ ଅଧିକାରୀ ସଙ୍ଗେ ସଙ୍ଗେ ବଣାଇ ଏସଡିପିଓଙ୍କ ସହିତ ଯୋଗାଯୋଗ କରି ଚଢ଼ାଉ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି । ବଣାଇ ଏସଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ କୋଇଡା ପୋଲିସ , କ ବଲାଙ୍ଗ ପୋଲିସ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଚଢ଼ାଉ କରିବା ପାଇଁ ପ୍ରସ୍ତୁତି କରାଗଲା । ଗତକାଲି ଶନିବାର ସକାଳୁ ସକାଳୁ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳଙ୍କ ଉପସ୍ଥିତିରେ ଅଫିମ ଚାଷ ଉପରେ ଚଢ଼ାଉ କରାଗଲା । ଠିକ ଏହି ସମୟରେ ସେଠାରେ କିଛି ଲୋକ ଉପସ୍ଥିତ ଥିବା ବେଳେ ପୋଲିସକୁ ଦେଖି ସମସ୍ତେ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଝାରଖଣ୍ଡର ଦୁଇ ଜଣ ଅଫିମ ମାଫିଆ ବୁଧୁଆ ହୋର ଓ ବଳରାମ ରହଙ୍ଗିଆଙ୍କୁ ଗିରଫ କରିବାରେ ସକ୍ଷମ ହେଲା ପୋଲିସ । ଦୁଇ ଜଣଙ୍କ ଘର ଝାରଖଣ୍ଡର ବୋଲି ପୋଲିସ ସୂଚନା ଦେଇଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିବା ସହିତ ୫ ଏକରରୁ ଉର୍ଦ୍ଧ ଜମିରେ ହୋଇଥିବା ବେଆଇନ ଅଫିମ ଚାଷକୁ ଜେସିବି ସାହାଯ୍ୟରେ ନଷ୍ଟ କରାଯାଇଥିଲା । ତେବେ ଏଠି ପ୍ରଶ୍ନ ଉଠୁଛି କୋଇଡାରେ ବାହାର ରାଜ୍ୟର ଅଫିମ ମାଫିଆ ମାନେ ଆସି ଏତେ ଦିନ ଧରି ଏଠାରେ ଏକର ଏକର ଜମିରେ ଅଫିମ ଚାଷ କଲେ କିନ୍ତୁ କିପରି ଜାଣି ପାରିଲା ନାହିଁ ଅବକାରୀ ବିଭାଗ , କିପରି ଜାଣି ପାରିଲା ନାହିଁ ପୋଲିସ ବିଭାଗ । ଆଉ ସବୁଠୁ ବଡ କଥା ଯେଉଁ ବିଭାଗର ଜଙ୍ଗଲ ଦାୟିତ୍ୱ ସେହି ବନ ବିଭାଗ କିପରି ଜାଣି ପାରିଲା ନାହିଁ ଏହା ସବୁଠୁ ବଡ ପ୍ରଶ୍ନ ଉଙ୍କି ମାରୁଛି ।

## ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଲା ଥାନା ତତ୍ତ୍ୱାବଧାନରେ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ପାଇଁ ଏକ ସାଇବର ଆୱାରନେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସମୟରେ ମନୁଷ୍ୟ ତାର କାର୍ଯ୍ୟ ଭାର କମାଇବା ପାଇଁ ଟେକ୍ନୋଲୋଜି ଉପରେ ନିର୍ଭର କରୁଛି । ସମସ୍ତ ଜରୁରୀ କାର୍ଯ୍ୟ ଇଣ୍ଟରନେଟ ଓ କମ୍ପ୍ୟୁଟର ମାଧ୍ୟମରେ ଖୁବ କମ ସମୟରେ ହୋଇପାରୁଛି । ସବୁଠାରୁ ବଡ଼ କଥା ହେଲା ଏହି ସମୟରେ ସମସ୍ତଙ୍କୁ ବିଶେଷ ସାବଧାନତା ଅବଲମ୍ବନ କରିବା ଦରକାର । ଟିକେ ସତର୍କତା ଅବଲମ୍ବନ ନ କଲେ ସାଇବର ଅପରାଧୀଙ୍କ ଠକାମିର ଶିକାର ହେବାକୁ ପଡିବ । ଛୋଟ ପିଲାମାନେ କିପରି ସାଇବର ଠକାମୀର ଶିକାର ନ ହେବେ ସେଥିପାଇଁ ଶନିବାର କାଲିମେଲା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସାଇବର ସୁରକ୍ଷା ପାଇଁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ ।

## ବିଲ ସପକ୍ଷରେ ବହୁଜନ ସଂଗଠନ ମାନଙ୍କର ପ୍ରସ୍ତୁତି ବୈଠକ



କଳାହାଣ୍ଡି, (ମହାଭାରତ) : ବିଦ୍ୟାଳୟ ମାନଙ୍କରେ ଜାତି ଧର୍ମ ଉର୍ଦ୍ଧ୍ୱରେ ଭାଇ ଚାରା ରଖି ସମାନତା ଭାବରେ ଛାତ୍ରଛାତ୍ରୀ ମାନେ ସୁସ୍ଥ ମସ୍ତିଷ୍କରେ ଅଧ୍ୟୟନ କରିବା ପାଇଁ କେନ୍ଦ୍ର ସରକାର ଟଏଉ ବିଲ ଆଣିଛନ୍ତି। ଏହି ବିଲକୁ କିଛି ଜାତିବାଦୀ ମାନସିକତାର ବ୍ୟକ୍ତି ମାନେ ବିରୋଧ କରୁଛନ୍ତି,,ଏହି ବିଲ ସପକ୍ଷରେ ଆଜି କଳାହାଣ୍ଡି ଜିଲ୍ଲାରେ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଙ୍କ ଆହ୍ୱାନ କ୍ରମେ ଓବିସି ଏସ୍ ଟି ଏସ୍ ସି ସମାଜିକ ସଂଗଠନ ଓ ବହୁଜନ ରାଜନୈତିକ ଦଳ ଗୁଡିକ ମିଳିତରେ ବୈଠକ କରାଯାଇଛି । ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା ଯେ ଆସନ୍ତା ତା ୧୭,୨,୨୦୨୬ ମଙ୍ଗଳବାର ଦିନ ଜିଲ୍ଲାର ସମସ୍ତ ସାମାଜିକ ଓ ରାଜନୈତିକ ଦଳ ହଜାର ହଜାର ସଂଖ୍ୟାରେ ଏକତ୍ରୀତ ହୋଇ ଏକ ବିଶାଳ ରେଲି ଶୋଭାଯାତ୍ରା ବାହାରି ଟଏଉ ବିଲ ସପକ୍ଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବୀପତ୍ର ଦିଆଯିବ। ଉପସ୍ଥିତି ଥିଲେ ଏପିଆଇ ରାଜ୍ୟ ପ୍ରଭାରୀ ଛବିଲାଲ ନିଆଲ, ବିଏମଏମ ରାଜ୍ୟ ପ୍ରଭାରୀ ମାଧବ ସୁନାନୀ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଆଦିତ୍ୟ ହଂସ, ବିଏସପି ସମ୍ପାଦକ ତେଜରାଜ ବେହେରା, ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ ଜିଲ୍ଲା ସଭାପତି ବୃନ୍ଦାବନ ନାଗ, ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ, ସାମାଜିକ ମୁଖ୍ୟ ଗିରିଜା ବେହେରା, କଳମପୁର ବ୍ଲକ ସଭାପତି ବଳରାମ ଦୁର୍ଗା, ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ୍,,କେସିଙ୍ଗା ବ୍ଲକ ସଭାପତି ଭାଗିରଥି ନାଏକ, କାର୍ଯ୍ୟକାରୀ ସଭାପତି ବିକ୍ରମ ହରପାଲ, ଗୋଲାମୁଣ୍ଡା ବ୍ଲକ ସଭାପତି ରାମ କୁମାର ସେନାପତି, ବିଏମପି ଜିଲ୍ଲା ସଭାପତି ମହେନ୍ଦ୍ର ଧାଙ୍ଗଡାମାଝି, ବ୍ରାସ ସଭାପତି ତ୍ରିନାଥ ନାଏକ, ଏହିଭଳି ଅନେକ ସଂଗଠନର କର୍ମକର୍ତ୍ତା ଉପସ୍ଥିତି ଥିଲେ।

# ଗୁରୁଜନ ଆମ ସମାଜର ଶ୍ରେଷ୍ଠ ସମ୍ପଦ:ଢ଼ିହିରାକୁଳ ଗ୍ରାମରେ ପୂଜା ପାଇଲେ ଶତାଧିକ ଗୁରୁଜନ





ଉଦଳା, (ମହାଭାରତ) : ଉଦଳା ବ୍ଲକ ଅଧୀନରେ ଥିବା ସଂସ୍କୃତି ସମ୍ପନ୍ନ ଗ୍ରାମ ଭାବେ ପରିଚିତ ଢ଼ିହିରାକୁଳ ଗ୍ରାମରେ ରବିବାର ଦିନ ସାଢ଼େ ୧୦ ଟା ସମୟରେ ଗ୍ରାମ ଦୋଳ ମଣ୍ଡପରେ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଏନଏସି ଅଧକ୍ଷ ପ୍ରମିଳା ପଣ୍ଡା, ଅବସରପ୍ରାପ୍ତ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଥାନା ଅଧିକାରୀ ବନମାଳୀ ବାରିକ, ଉଦଳା ଏନଏସି ଉପନଗରପାଳ ଲିଲି ଭୋଳ, ମୟୁରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା, ସମ୍ପାଦକ ଡ଼. ଶ୍ୟାମ ସୁନ୍ଦର ଦାସ ପ୍ରମୁଖ ଯୋଗ ଦେଇ ଆଜିର ସାଂସ୍କୃତିକ ଓ ନୈତିକତା ଅବକ୍ଷୟମୁଖୀ ସମାଜ ପାଇଁ ଗୁରୁଜନ ପୂଜନ କାର୍ଯ୍ୟକ୍ରମର ଉପାଦେୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୁରୁଜନ ମାନଙ୍କ ଅଭିଜ୍ଞତା ପୂର୍ଣ୍ଣ ଜୀବନ, ସେମାନଙ୍କ ଉପଦେଶ କେବଳ ସେମାନଙ୍କ ଘର ପାଇଁ ନୁହେଁ ସମାଜ ପାଇଁ ମଧ ତାଙ୍କର ବାର୍ତ୍ତା ପଥ ପ୍ରଦର୍ଶକ ହୋଇଥାଏ। ଗୁରୁଜନମାନେ ଆମ ସମାଜ ପାଇଁ ବୋଝ ନୁହଁନ୍ତି ସେମାନଙ୍କୁ ଅବହେଳା ଓ ଉପେକ୍ଷା କଲେ ଆମ ଭବିଷ୍ୟତ କେବେ ମଙ୍ଗଳମୟ ହେବ ନାହିଁ। ମାତା ପିତା ଆମର ଜୀବନ୍ତ ଦେବତା ସେମାନଙ୍କ ସେବା ହିଁ ଠାକୁରଙ୍କ ପ୍ରକୃତ ପୂଜା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି ଗୁରୁଜନ ପୂଜନ କାର୍ଯ୍ୟକ୍ରମରେ ଗ୍ରାମର ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିର, ସାଗର ଡ୍ୟାନ୍ସ ଏକାଡେମୀ ଏବଂ ଗୋପୀନାଥ ଜୀଉ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ମାତାପିତାଙ୍କ ପାଇଁ ଆମର କର୍ତ୍ତବ୍ୟ ଆଧାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଗୁରୁଜନ ପୂଜନ ଉତ୍ସବରେ ଗ୍ରାମରେ ଥିବା ୬୦ ବର୍ଷ ରୁ ଉର୍ଦ୍ଧ ଶତାଧିକ ମହିଳା ପୁରୁଷ ଗୁରୁଜନ ତା ଛଡା କପ୍ତିପଦା ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ଗୁରୁଜନମାନେ ଯୋଗଦାନ କରିଥିଲେ। ଗୁରୁଜନ ପୂଜନ କମିଟି ସଦସ୍ୟମାନେ ଗୁରୁଜନ ମାନଙ୍କ ପାଦ ଧୋଇବା ସହିତ ପୁଷ୍ପ ଚନ୍ଦନ, ଫୁଲ ଆଦି ଦେଇ ପୂଜା କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ। ତା ଛଡା ଜଳ ଯୋଗ, ମଧ୍ୟାହ୍ନ ଭୋଜନ ପ୍ରଦାନ ପୂର୍ବକ ଗୁରୁଜନମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ କମିଟିର ବରିଷ୍ଠ ସଦସ୍ୟ ତଥା ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିଲେ। ସଦସ୍ୟ ସର୍ବେଶ୍ୱର ହାତୀ, ପ୍ରଦୀପ କୁମାର ବେହେରା, ନାରାୟଣ ପୃଷ୍ଟି, ରମାକାନ୍ତ ପାତ୍ର, ଜୟନ୍ତ କୁମାର ବେହେରା, ମଧୁସୂଦନ ହାତୀ, ଦୟାନିଧି ପୃଷ୍ଟି, ପ୍ରମୋଦ ସାହୁ, ସତ୍ୟପ୍ରିୟ ସାହୁ, ପିନାକୀ ବେହେରାଙ୍କ ସମେତ ଗ୍ରାମରେ ଥିବା ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଫଳ କରାଇଥିଲେ।


## ବଣୁଆ ଭାଲୁ ଆକ୍ରମଣରେ ମହିଳା ଗୁରୁତର

କପ୍ତିପଦା, (ମହାଭାରତ) : ଅନ୍ୟ ଜିଲ୍ଲାରୁ ଆସିଲା ଗାଁ ରେ ଭାଲୁ ପଶି କରିଲା ଅଚାନକ ଆକ୍ରମଣ। ଆକ୍ରମଣରେ ମହିଳା ହେଲେ ଲହୁ ଲୁହାଣ। କପ୍ତିପଦା ବନାଞ୍ଚଳ ଅଧିନ କୋଚିଲାଡିହା ଧନୁ ସାହି ଗ୍ରାମରେ ଘଟିଛି ଏଭଳି ଘଟଣା। ପଡୋଶୀ ବାଲେଶ୍ୱର ଜିଲ୍ଲା ଅଂଚଳରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ପରେ କପ୍ତିପଦା ବନାଞ୍ଚଳ କୁ ଆସିଥିଲା। ଯାହାକି ଧନୁସାହି ଗ୍ରାମର ଲକ୍ଷ୍ମୀ ସିଂ ହିଲ ରେ ଶାଗ ତୋଳୁଥିବା ବେଳେ ଅଚାନକ ଆକ୍ରମଣ କରିଥିଲା ବୋଣୁଆ ଭାଲୁ। ଭାଲୁ ଟି ଲକ୍ଷ୍ମୀଙ୍କ ହାତ କୁ କାମୁଡି ଦେଇଥିବା ବେଳେ ଲହୁଲୁହାଣ ହେବା ସହ ହାତ ର ହାଡ଼ ଭାଙ୍ଗିଯାଇଥିଲା କ୍ଷ ଆକ୍ରମଣରେ ଗୁରୁତର ହୋଇ ଲକ୍ଷ୍ମୀ ପଡି ରହିବା ପରେ ବନ ବିଭାଗ ଟିମ ଗାଁ ରେ ପହଂଚି ଗୁରୁତର ଲକ୍ଷ୍ମୀ ଙ୍କୁ ଉଦ୍ଧାର କରି ମେଡିକାଲ ରେ ଭର୍ତ୍ତି କରିଛି। ସେପଟେ ଗ୍ରାମବାସୀ ଭାଲୁ କୁ ଘଉଡ଼ାଇବା ପରେ ନିକଟସ୍ଥ ହୁଡ଼ି କୁ ଭାଲୁ ଚାଲିଯାଇଥିବା ଜଣାଯାଇଛି। ଏପଟେ ସନ୍ଧ୍ୟା ହେଲେ ଭାଲୁ ଙ୍କ ଉତ୍ପାତ ପାଇଁ ଉକ୍ତ ଅଞ୍ଚଳ ବାସୀ ଭୟ ରେ ରହିଥିବା ବେଳେ ବୋନବିଭାଗ ପେଟ୍ରିଲଂ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ।

## ପାକ୍ସ ସିଲିକାରେ ଯୋଗଦେବାକୁ ଭାରତକୁ ନିମନ୍ତ୍ରଣ କଲା ଆମେରିକା

ନୂଆଦିଲ୍ଲୀ/ୱାସିଂଟନ: ଭାରତ ସହିତ ରଣନୈତିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଆମେରିକା ଏକ ପ୍ରମୁଖ ପଦକ୍ଷେପ ନେଇଛି। ଭାରତକୁ ପ୍ୟାକ୍ସ ସିଲିକା ପ୍ରୟାସରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆମେରିକା ନିମନ୍ତ୍ରଣ କରିଛି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ଭାରତର ଅଂଶଗ୍ରହଣ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଯଥେଷ୍ଟ ସୁରକ୍ଷିତ ତଥା ସମୃଦ୍ଧ କରିବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ପରେ, ପାକ୍ସ ସିଲିକା ରୂପରେ ଏକ ନୂତନ ରଣନୈତିକ ସହଭାଗୀତା ଉଭା ହୋଇଛି। ଆମେରିକାର ଅଧିକାରୀ ଜ୍ୟାକବ ହେଲବର୍ଗ ନିଶ୍ଚିତ କରିଛନ୍ତି, ଭାରତକୁ ଏହି ସ୍ୱତନ୍ତ୍ର ଗୋଷ୍ଠୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଭାରତ ସରକାର ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିବେ। ଯାହା ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ବୃଦ୍ଧି କରିବ। ଡିସେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ପାକ୍ସ ସିଲିକା ମୁଖ୍ୟତଃ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣକୁ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର, ଏଆଇ ଭିତ୍ତିଭୂମି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ଦୃଢ଼ ଏବଂ ସମୃଦ୍ଧ ନେଟୱାର୍କ ମଧ୍ୟ ନିର୍ମାଣ କରିଛି। ଏଥିରେ ଯୋଗଦାନ ଦ୍ୱାରା ଭାରତ ଭବିଷ୍ୟତର ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସମ୍ବଳଗୁଡ଼ିକୁ ସହଜରେ ପାଇପାରିବ ବୋଲି ଆଶା କରାଯାଉଛି। ଆମେରିକୀୟ ଅଧିକାରୀ ଜ୍ୟାକବ୍ ହେଲବର୍ଗ ପ୍ରକାଶ କରିଛନ୍ତି, ଭାରତ ଏବଂ ଆମେରିକା ଜାନୁଆରି ମାସରେ ଏହି ସହଭାଗୀତା ଉପରେ ସହମତ ହୋଇଥିଲେ। ଭାରତରେ ବଡ଼ ଖଣି ଏବଂ ପ୍ରକ୍ରିୟାକରଣ ପ୍ରକଳ୍ପ ଅଛି ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। ଆମେରିକା ବିଶ୍ୱାସ କରେ ଯେ, ଚୀନ୍ ତୁଳନାରେ ଭାରତର ଯୁବ ଓ ବୈଷୟିକ ପ୍ରଶିକ୍ଷିତ ଜନସଂଖ୍ୟା ଦେଶର ସବୁଠାରୁ ବଡ଼ ଶକ୍ତି।

ପ୍ୟାକ୍ସ ସିଲିକାରେ ବର୍ତ୍ତମାନ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜାପାନ, ଇସ୍ରାଏଲ, ସିଙ୍ଗାପୁର, କତାର, ଦକ୍ଷିଣ କୋରିଆ, ୟୁଏଇ ଓ ଗ୍ରୀସ୍ ଭଳି ଦେଶ ଯୋଗ ଦେଇଛନ୍ତି। ଏହି ଗୋଷ୍ଠୀରେ ଭାରତକୁ ସାମିଲ କରି ଆମେରିକା ଚୀନ୍‌ର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବୃହତ ଓ ଶକ୍ତିଶାଳୀ ମଞ୍ଚ ନିର୍ମାଣ କରୁଛି। ଏହି ସହଯୋଗ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ସ୍ଥିରତା ଓ ପ୍ରଯୁକ୍ତିବିଦ୍ୟା ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ଆମେରିକୀୟ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ପ୍ରତିବଦଳରେ, ଆମେରିକା ଭାରତୀୟ ଉତ୍ପାଦ ଉପରେ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ କରିବାକୁ ସମ୍ପୂର୍ଣ୍ଣ ରାଜି ହୋଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବା ସହ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜଟିଳତାକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ। ଯୁକ୍ତରାଷ୍ଟ୍ର ବିଶ୍ୱର ସର୍ବବୃହତ ଅର୍ଥନୀତି, ଯେତେବେଳେ ଭାରତ ଜନସଂଖ୍ୟା ଅନୁସାରେ ସବୁଠାରୁ ବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ। ଏହି ଦୁଇଟି ବୃହତ ଗଣତନ୍ତ୍ର ମଧ୍ୟରେ ସହଭାଗୀତାର ସୁଯୋଗ ଅସୀମ ରହିଛି। ପାକ୍ସ ସିଲିକା ମାଧ୍ୟମରେ, ଉଭୟ ଦେଶ ସେମାନଙ୍କର ଶକ୍ତିକୁ ଏକତ୍ର କରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

## ବିଜୟପୁରରେ ପ୍ରାଇଭେଟ୍ ଟ୍ରେନିଂ ଏୟାରକ୍ରାଫ୍ଟ କ୍ରାସ୍, ୨ ଆହତ



କର୍ଣ୍ଣାଟକ: କର୍ଣ୍ଣାଟକର ବିଜୟପୁରରୁ ଆସିଛି ଏକ ବଡ଼ ଖବର । ଏଠାରେ ଏକ ପ୍ରାଇଭେଟ୍ ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ କ୍ୟାପଟେନ୍ ଏବଂ ଟ୍ରେନି ପାଇଲଟ୍ ଭାବରେ ଚିହ୍ନଟ କରାଯାଇଛି । ପୋଲିସ କହିଛି ଯେ ଇଞ୍ଜିନ୍ ଫେଲ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ହେଲେ, ଘଟଣାର ତଦନ୍ତ କରାଯାଉଛି । ବର୍ତ୍ତମାନ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରିପୋର୍ଟ ଅନୁସାରେ, ବିଜୟପୁରା ଜିଲ୍ଲାର ବାଲେଶ୍ୱର ତାଲୁକାରେ ଏକ ରେଡ୍ ବାର୍ଡ ପ୍ରାଇଭେଟ୍ ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏହି ବିମାନରେ ଦୁଇଜଣ ଥିଲେ, ଯେଉଁମାନେ ଏହି ଘଟଣାରେ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ସେମାନଙ୍କର ଚିକିତ୍ସା କରାଯାଉଛି। ଘଟଣା ବିଷୟରେ ସୂଚନା ପାଇବା ପରେ ବାଲେଶ୍ୱର ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣାଟି ବାଲେଶ୍ୱର ପୋଲିସ ଷ୍ଟେସନର କ୍ଷେତ୍ରାଧିକାର ମଧ୍ୟରେ ଘଟିଛି । ଘଟଣାର ତଦନ୍ତ କରୁଥିବା ପୋଲିସ ଅଧିକାରୀ କହିଛନ୍ତି, ଏହା ରେଡ୍ ବାର୍ଡ ଆଭିଏସନ୍ ମାଲିକାନାରେ ଥିବା ଏକ ପ୍ରଇଭେଟ୍ ବିମାନ । ଏହା କାଲାବୁରାଗିରୁ ବେଲାଗାଭି ଯାଉଥିବା ବେଳେ ଏହାର ଇଞ୍ଜିନରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲା ଏବଂ ଏହା ହଠାତ୍ ଦୁର୍ଘଟଣାଗ୍ରସ୍ତ ହେଲା । ବିମାନରେ ଦୁଇଜଣ ଥିଲେ, ଯାହାଙ୍କ ନାମ କ୍ୟାପଟେନ୍ ଏବଂ ଜଣେ ଟ୍ରେନି ପାଇଲଟ୍ ବୋଲି ଚିହ୍ନଟ କରାଯାଇଛି । ଏହି ଘଟଣାରେ ଉଭୟ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଯାଆଁଳା ଭାଇଙ୍କୁ ଡେଟ୍ କରୁଛନ୍ତି ଜଣେ ମହିଳା

ଥାଇଲାଣ୍ଡ: ଥାଇଲାଣ୍ଡରୁ ଆସିଛି ଏକ ଆଶ୍ଚର୍ଯ୍ୟଜନକ କାହାଣୀ । ଯେଉଁଥିରେ ଜଣେ ମହିଳା ଏକା ସମୟରେ ଦୁଇ ଯାଆଁଳା ଭାଇଙ୍କୁ ଡେଟ୍ କରୁଛନ୍ତି । ସେମାନେ ଏକାଠି ରହିବା ପାଇଁ ସେମାନଙ୍କ ପରିବାରରୁ ଅନୁମତି ପାଇଛନ୍ତି । ତିନିଜଣ ଏକାଠି ରୁହନ୍ତି, ଏକାଠି ବୁଲନ୍ତି, ଏବଂ ମହିଳା ଜଣକ ପ୍ରାୟତଃ ଦୁଇ ଭାଇଙ୍କ ମଧ୍ୟରେ ବସିଥିବା କିମ୍ବା ଶୋଇଥିବା ତାଙ୍କର ରୋମାଣ୍ଟିକ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ମଧ୍ୟ ସେୟାର କରନ୍ତି । ଏକ ରିପୋର୍ଟ ଅନୁଯାୟୀ, ଥାଇଲାଣ୍ଡର ନାଖୋନ୍ ଫାନୋମର ଜଣେ ୨୪ ବର୍ଷୀୟ ମହିଳା ଯାହାଙ୍କ ନାମ ଫାହ । ନିକଟରେ ସୋସିଆଲ ମିଡିଆରେ ତାଙ୍କର ଅପାରମ୍ପରିକ ସମ୍ପର୍କର ବିବରଣୀ ସେୟାର କରି ଖୁବ୍ ଚର୍ଚ୍ଚାରେ ଅଛନ୍ତି । ଫାହ ଗୋଟିଏ ବର୍ଷରୁ ଅଧିକ ସମୟ ଧରି ଏକ ସମ୍ପର୍କ ଖୋଜୁଥିଲେ ଯେପର୍ଯ୍ୟନ୍ତ ଯାଆଁଳା ଭାଇ, ସୁଆ ଏବଂ ସିଙ୍ଗ ତାଙ୍କ ସହିତ ଯୋଗାଯୋଗ



କରିନଥିଲେ । ସାନ ଯାଆଁଳା ଭାଇ ସୁଆ କହିଛନ୍ତି ଯେ ସେ ପ୍ରଥମେ ଫାହଙ୍କୁ ମେସେଜ କରିଥିଲେ ଏବଂ ପରେ ତାଙ୍କ ଭାଇଙ୍କୁ ତାଙ୍କ ସହିତ ଯୋଗାଯୋଗ କରିବାକୁ ଉତ୍ସାହିତ କରିଥିଲେ । ଫାହ ଯେତେବେଳେ ତାଙ୍କ ପାଠପଢ଼ା ସାରିଥିଲେ, ସେତେବେଳେ ଏହି ତିନିଜଣ ଡେଟିଂ ଆରମ୍ଭ କରିଥିଲେ । ଉଭୟଙ୍କ ପରିବାର ଏହି ସମ୍ପର୍କକୁ ସମର୍ଥନ କରିଥିଲେ । ଏକ ରିପୋର୍ଟ ଅନୁଯାୟୀ, ଯାଆଁଳା ଭାଇ ଫାହଙ୍କଠାରୁ ଗୋଟିଏ ବର୍ଷ ସାନ ଏବଂ ଏଗ୍ରିକଲିଚର ମିସେନାରି ସର୍ଭିସରେ କାମ କରନ୍ତି । ଫାହ ସେମାନଙ୍କର ସମ୍ପର୍କକୁ ମଜବୁତ୍ ରଖିଛନ୍ତି ବୋଲି କହିଛନ୍ତି। ଏଥିସହ ଜାଣିରଖନ୍ତୁ ଯେ, ଫାହ କହିଛନ୍ତି ଯେ ଯଦି ସେ କେବେ ଗର୍ଭବତୀ ହୁଅନ୍ତି, ତେବେ ଜନ୍ମ ପ୍ରମାଣପତ୍ରରେ ସଠିକ୍ ନାମ ଲେଖାଯିବା ନିଶ୍ଚିତ କରିବା ପାଇଁ ସେ ଡିଏନଏ ଟେଷ୍ଟ କରାଇବେ । ସେ ଆଶା କରୁଛନ୍ତି ଯେ ତାଙ୍କ ପିଲା ଉଭୟ ଭାଇଙ୍କୁ 'ବାପା' ଡାକିବେ । ଫାହ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସମ୍ପର୍କ ତାଙ୍କର ବ୍ୟକ୍ତିଗତ ପସନ୍ଦ । ଯାହା ବର୍ତ୍ତମାନ୍ ଫାହଙ୍କ କାହାଣୀ ସୋସିଆଲ ମିଡିଆରେ ଚର୍ଚ୍ଚା ଯୋର ଧରିଛି ।

## ଗିଜର ବିସ୍ଫୋରଣ ହେଲା କାଳ, ଜଣେ ମୃତ

ନୂଆଦିଲ୍ଲୀ: ଦିଲ୍ଲୀର ପ୍ରସିଦ୍ଧ ଦରଘା ହଜରତ ଖ୍ୱାଜା ନିଜାମୁଦ୍ଦିନରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଗତକାଲି ସନ୍ଧ୍ୟାରେ ଦରଘାର ଜଣେ କର୍ମକର୍ତ୍ତା ସଜ୍ଜାଦନାଶିନ ସୈୟଦ ମହମ୍ମଦ ନିଜାମୀଙ୍କ ମୃତ୍ୟୁ ଘଟିଛି । ବାଥରୁମରେ ଗିଜର ବିସ୍ଫୋରଣ ହେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା । ଏକ ରିପୋର୍ଟ ଅନୁଯାୟୀ, ସଜ୍ଜାଦାନସିନ୍ ସୟଦ ମହମ୍ମଦ ନିଜାମି, ଖ୍ୱାଜା ହାସନ ସାନି ନିଜାମିଙ୍କ ଭଣଜା ଥିଲେ । ଏହି ଦୁର୍ଘଟଣାରେ ପରିବାର ଏବଂ ଦରଗାର ଲୋକମାନେ ମର୍ମାହତ। ରିପୋର୍ଟ ହୋଇଛି ଯେ ଏକ ଗିଜର ବିସ୍ଫୋରଣ ଯୋଗୁଁ ବାଥରୁମରେ ହଠାତ୍ ନିଆଁ ଲାଗିଥିଲା ଏବଂ ବିସ୍ଫୋରଣ ହୋଇଥିଲା



। ଯାହା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପ୍ରାରମ୍ଭିକ ସୂଚନା ଅନୁଯାୟୀ ଦୁର୍ଘଟଣାଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଟିଥିବା ଅନୁମାନ କରାଯାଉଛି । କିନ୍ତୁ ପୋଲିସ ତଦନ୍ତ କରୁଛି । ସଜ୍ଜାଦନାଶିନ୍ ସୟଦ ମହମ୍ମଦ ନିଜାମୀଙ୍କ ମୃତ୍ୟୁରେ ଦରଘା ବାସିନ୍ଦା ଏବଂ ଭକ୍ତମାନେ ଗଭୀର ଶୋକ ପ୍ରକାଶ କରୁଛନ୍ତି । ସୋସିଆଲ ମିଡିଆରେ ମଧ୍ୟ ଶ୍ରଦ୍ଧାଞ୍ଜଳି ଏବଂ ସମବେଦନା ପ୍ରକାଶ କରାଯାଉଛି । ଏହି ଦୁର୍ଘଟଣା ସମସ୍ତଙ୍କୁ ମର୍ମାହତ ଏବଂ ଦୁଃଖିତ କରିଛି । ଦରଗା ପ୍ରଶାସନ କହିଛି ଯେ ମୃତକଙ୍କ ପରିବାରକୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ଏବଂ ଘଟଣାର କାରଣ ସମ୍ପର୍କରେ ତଦନ୍ତ ପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ । ସଜ୍ଜାଦନଶିନ୍ ସୟଦ ମହମ୍ମଦ ନିଜାମୀଙ୍କ ଆକସ୍ମିକ ମୃତ୍ୟୁ ଦରଗା ଏବଂ ତାଙ୍କ ପରିବାରକୁ ଗଭୀର ଦୁଃଖ ଦେଇଛି । ସମସ୍ତେ ତାଙ୍କ ସୁସ୍ଥତା ପାଇଁ ପ୍ରାର୍ଥନା ମଧ୍ୟ କରୁଛନ୍ତି ।

## ରଷିଆରେ ୪ ଭାରତୀୟ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ରଷିଆ : ରଷିଆରେ ଭାରତୀୟ ଛାତ୍ରଙ୍କୁ ମାରାଣାସ୍ତ୍ରରେ ଆକ୍ରମଣ ହୋଇଛି । ମେଡିକାଲ କଲେଜ ହଷ୍ଟେଲରେ ପଶି ଏହି ଆକ୍ରମଣ କରାଯାଇଛି । ଏହି ଆକ୍ରମଣରେ ୪ଜଣ ଭାରତୀୟ ଛାତ୍ର ଆହତ ହୋଇଛନ୍ତି । ସମସ୍ତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ମାମଲାରେ ଜଣେ ୧୫ ବର୍ଷୀୟ ଆକ୍ରମଣକାରୀଙ୍କୁ ଗିରଫ କରିଛି ରଷ ପୋଲିସ । ସୂଚନାନୁଯାୟୀ, ଗତକାଲି ରଷିଆର ଉଫା ସ୍ଥିତ ଷ୍ଟେଟ୍ ମେଡିକାଲ ବିଶ୍ୱବିଦ୍ୟାଳୟର ଏକ ହଷ୍ଟେଲରେ ଏ ଅଭାବନୀୟ ଘଟଣା ଘଟିଛି । ଜଣେ ୧୫ ବର୍ଷର କିଶୋର ହାତରେ ଏକ ମାରାଣାସ୍ତ୍ର ଧରି ବିଦେଶୀ ଛାତ୍ରମାନଙ୍କ ହଷ୍ଟେଲରେ ପଶି ଆକ୍ରମଣ କରିଛି । ହିଂସାକାଣ୍ଡରେ ୪ଜଣ ଭାରତୀୟ ଛାତ୍ର ଆହତ ହୋଇଥିବା ମସ୍କୋରେ ଥିବା ଭାରତୀୟ ଦୂତାବାସ ସ୍ପଷ୍ଟ କରିଛି । ଆକ୍ରମଣକାରୀଙ୍କୁ ଗିରଫ କରିବା ସମୟରେ ୨ ଜଣ ପୋଲିସ ଅଧିକାରୀଙ୍କୁ ମଧ୍ୟ ଆକ୍ରମଣ କରିଛି । ଭାରତୀୟ ଛାତ୍ର ଏବଂ ପୋଲିସଙ୍କୁ ମିଶାଇ ପ୍ରାୟ ୬ ରୁ ୮ ଜଣ ଆହତ ହୋଇଛନ୍ତି । କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଭାରତୀୟ ଦୂତାବାସ ପକ୍ଷରୁ ରୁଷିଆ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି । ଅନ୍ୟପଟେ କାଜାନରୁ ଦୂତାବାସର ଅଧିକାରୀମାନେ ଛାତ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ଉଫା ଅଭିମୁଖେ ବାହାରିଛନ୍ତି । ସେପଟେ ରୁଷିଆର ତଦନ୍ତକାରୀ ସଂସ୍ଥା ଏହାର ଯାଞ୍ଚ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତ ଅନୁସାରେ, ଏହା କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ନୁହେଁ, ବରଂ ଜଣେ ଯୁବକଙ୍କ ଦ୍ୱାରା କରାଯାଇଥିବା ଆକ୍ରମଣ ବୋଲି ଜଣାପଡ଼ିଛି । ରଷିଆ ଭାରତୀୟ ଡାକ୍ତରୀ ଛାତ୍ରଙ୍କ ପାଇଁ ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଏହି ଘଟଣା ସେଠାରେ ରହୁଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି । ଏବେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ସ୍ଥିତି ଉପରେ ନଜର ରଖିଛି ।

## ବାଂଲାଦେଶର ହିନ୍ଦୁ ନେତା ରମେଶ ଚନ୍ଦ୍ର ସେନଙ୍କ ଜେଲରେ ମୃତ୍ୟୁ



ବାଂଲାଦେଶ: ବାଂଲାଦେଶର ଅନ୍ୟତମ ହିନ୍ଦୁ ନେତା ଏବଂ ପୂର୍ବତନ ମନ୍ତ୍ରୀ ହେଉଛନ୍ତି ରମେଶ ଚନ୍ଦ୍ର ସେନ । ଯାହାଙ୍କ ବିଷୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଶନିବାର ଦିନ ଜେଲରେ ତାଙ୍କ ସ୍ୱାସ୍ଥ୍ୟ ଅସୁସ୍ଥ ହେବା ପରେ ମୃତ୍ୟୁ ଘଟିଛି । ସେନ୍ ତାଙ୍କର ସହାୟକ ସ୍ୱଭାବ ଏବଂ ନିର୍ଦ୍ଦୋଷ ରାଜନୈତିକ କ୍ୟାରିୟର ପାଇଁ ଜଣାଶୁଣା ଥିଲେ । ରମେଶ ଚନ୍ଦ୍ର ସେନ୍ ପୂର୍ବତନ ବାଂଲାଦେଶୀ ଜଳସମ୍ପଦ ମନ୍ତ୍ରୀ ଏବଂ ପାଞ୍ଚ ଥର ସାଂସଦ (ଏମ୍ପି) ମଧ୍ୟ ଥିଲେ, ଯିଏକି ୨୦୨୪ ମସିହାରେ ତାଙ୍କର ଶେଷ ନିର୍ବାଚନରେ ବିଜୟୀ ମଧ୍ୟ ହୋଇଥିଲେ । ଜେଲ ଅଧିକାରୀଙ୍କ ଅନୁଯାୟୀ, ଶନିବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଦିନାଜପୁର ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତରମାନେ ସକାଳ ପ୍ରାୟ ୯,୨୯ରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ତାଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜେଲ ଅଧୀକ୍ଷକ ଫରହାଦ ସରକାର ନିଶ୍ଚିତ କରିଛନ୍ତି। ସେନ୍ ୮୫ ବର୍ଷ ବୟସ୍କ ଥିଲେ ଏବଂ ଅନେକ ରୋଗରେ ପୀଡିତ ଥିଲେ । ମହମ୍ମଦ ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାର ସମୟରେ ଜେଲର ପରିସ୍ଥିତି ସହିତ ପରିଚିତ ଲୋକଙ୍କ ଅନୁସାରେ, ପୂର୍ବତନ ମନ୍ତ୍ରୀ ଭାବରେ ତାଙ୍କୁ ଯେଉଁ ଯତ୍ନ ମିଳିବା କଥା ତାହା ମିଳୁ ନଥିଲା। ତାଙ୍କ ବିରୁଦ୍ଧରେ ହତ୍ୟା ସମେତ ତିନୋଟି ଅଭିଯୋଗ ଆସିଥିଲା । ଏଥିସହ ଜାଣିରଖନ୍ତୁ ଯେ, ଅଗଷ୍ଟ ୨୦୨୪ ରେ ସେନଙ୍କ ଗିରଫଦାରୀର ଖବର ସାମ୍ନାକୁ ଆସିଥିଲା । ତାଙ୍କ ହାତକୁ ଏକ ରଶିରେ ବନ୍ଧା ହୋଇଥିଲା ଏବଂ ତାଙ୍କୁ ପୋଲିସ ଷ୍ଟେସନକୁ ନିଆଯାଇଥିଲା। ବାଂଲାଦେଶୀମାନେ ସେନଙ୍କ ମୃତ୍ୟୁ ଖବର ଫେସବୁକରେ ସେୟାର କରି ଏହାକୁ 'ଜେଲରେ ହତ୍ୟା' ବୋଲି କହିଛନ୍ତି। ଢାକାସ୍ଥିତ କଣ୍ଟେଣ୍ଟ କ୍ରିଏଟର ପ୍ରଦୀପ କୁମାର ଚୌଧୁରୀ ଫେସବୁକରେ ଲେଖିଛନ୍ତି, 'ମୁଁ ଜାଣେ ତାଙ୍କ ବିଷୟରେ ବହୁତ ମିଛ ପ୍ରଚାର କରାଯିବ। ସେମାନେ କହିବେ ଯେ ସେ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି, କିନ୍ତୁ ନା, ଏହା ଆଉ ଏକ ହତ୍ୟା । ଏହି ଘଟଣା ଏବେ ଦେଶରେ ନ୍ୟାୟ, ଶାସନ ଏବଂ ଆଇନର ଶାସନ ଉପରେ ହେଉଥିବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

## କୋଟାରେ କୋଠା ଭୁଶୁଡ଼ି ୨ ମୃତ

କୋଟା: ରାଜସ୍ଥାନର କୋଟା ଜିଲ୍ଲାର ଜବାହାର ନଗର ଥାନା ଅଞ୍ଚଳର ତାଲୱାଣ୍ଡି ଅଞ୍ଚଳରେ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ିପଡ଼ିଛି । ଯେଉଁଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ଭଗ୍ନାବଶେଷ ତଳେ ଅନେକ ଲୋକ ଚାପି ହୋଇରହିଥିବା ଜଣାପଡୁଛି । ଏହି କୋଠାର ଉପର ମହଲାରେ କାମ ଚାଲିଥିଲାବେଳେ ଏପରି ଘଟଣା ଘଟିଥିବା ସୂଚନା ମିଳୁଛି । କୋଠା ଭୁଶୁଡ଼ିବା ସମୟରେ କେତେ ଲୋକ କାମ କରୁଥିଲବେଳେ ଆଉ କେତେକ ଲୋକ ସେଠାରେ ଥିବା ଏକ ଦୋକାନ ଭିତରେ ଥିଲେ । ତାହା ଏପର୍ଯ୍ୟନ୍ତ ସୁଦ୍ଧା ସ୍ପଷ୍ଟ ହୋଇନାହିଁ, କିନ୍ତୁ କିଛି ଲୋକମାନେ ଭଗ୍ନାବଶେଷ ତଳେ ଫସି ରହିଥିବା ଜଣାପଡିଛି । ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୯ଟାରେ କୋଟାରେ ଏକ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିଲା । ତାଲୱାଣ୍ଡି ଅଞ୍ଚଳରେ ଏହି କୋଠା ଭିତରେ ଏକ ରେଷ୍ଟୁରାଣ୍ଟ ଚାଲୁଥିଲା। ଘଟଣା ସମୟରେ କିଛି ଗ୍ରାହକ ଏବଂ ୧୨ ରୁ ୧୫ ଜଣ ରେଷ୍ଟୁରାଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ ।

## ଦଲାଇଲାମାଙ୍କ ନାଁକୁ ନେଇ ଚର୍ଚ୍ଚା: ଖଣ୍ଡନ କଲା ଦଲାଇଲାମାଙ୍କ କାର୍ଯ୍ୟାଳୟ



ୱାସିଂଟନ: ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ପ୍ରକାଶିତ ବିବାଦୀୟ ଏପଷ୍ଟିନ୍ ଫାଇଲ ବଡ଼ବଡ଼ ଶିଳ୍ପପତି, ରାଜନେତା, ରାଜପରିବାର ଓ ସେଲିବ୍ରିଟିଙ୍କ ଜୀବନରେ ଝଡ଼ ସୃଷ୍ଟି କଲାଣି। ଆମେରିକା, ୟୁରୋପ ଓ ଏସିଆର ଅନେକ ପ୍ରତିଷ୍ଠିତ ଲୋକଙ୍କ ନାଁ ଏଥିରେ ଆସିବାରେ ଲାଗିଛି। ଅନେକ ଗଣମାଧ୍ୟମ ରିପୋର୍ଟରେ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ନାଁ ବିବାଦୀୟ ଏପ୍ଷ୍ଟିନ୍ ଫାଇଲରେ ଅନେକ ଥର ଉଲ୍ଲେଖ ହୋଇଥିବା ଚର୍ଚ୍ଚା ହେଉଛି। ତେବେ ରବିବାର ଦଲାଇଲାମାଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଦଲାଇଲାମା ଏପ୍ଷ୍ଟିନ୍‌ଙ୍କୁ କେବେବି ଭେଟି ନ ଥିଲେ କି ତାଙ୍କର କୌଣସି ପ୍ରତିନିଧି ଏପ୍ଷ୍ଟିନ୍‌ଙ୍କୁ ଭେଟି ନ ଥିଲେ ବୋଲି କୁହାଯାଇଛି। ଚୀନ ଗଣମାଧ୍ୟମ ପକ୍ଷରୁ ଦଲାଇଲାମାଙ୍କ ନାଁ ଏପ୍ଷ୍ଟିନ୍ ଫାଇଲରେ ଥିବା ଦାବି କରାଯାଇଥିଲା। ଦଲାଇ ଲାମା କିମ୍ବା ଏପ୍ଷ୍ଟିନ୍‌ଙ୍କ ମଧ୍ୟରେ କୌଣସି ସାକ୍ଷାତ୍ କିମ୍ବା ଆଲୋଚନା ହୋଇ ନ ଥିବା ବିଦେଶୀ ଖବର ସରବରାହ ସଂସ୍ଥା ଏଏଫ୍‌ପି ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି। ୯୦ ବର୍ଷୀୟ ଦଲାଇଲାମା ବର୍ତ୍ତମାନ ହିମାଚଳ ପ୍ରଦେଶର ଧର୍ମଶାଳାରେ ନିର୍ବାସନରେ ଅଛନ୍ତି।

ଅନ୍ୟପକ୍ଷରେ ୟୁରୋପ ଏପ୍ଷ୍ଟିନ୍ ଫାଇଲ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିବା ଚର୍ଚ୍ଚା ହେଉଛି। ଯୌନ ଅପରାଧର ଜେଫ୍ରି ଏପ୍ଷ୍ଟିନ୍‌ଙ୍କ ନିୟୁତ ନିୟୁତ ପୃଷ୍ଠାର କାଗଜପତ୍ରକୁ ନେଇ ୟୁରୋପରେ ଜଣେ ଯୁବରାଜ, ରାଷ୍ଟ୍ରଦୂତ, ବରିଷ୍ଠ କୂଟନୀତିଜ୍ଞ ତଥା ବଡ଼ବଡ଼ ରାଜନେତାଙ୍କ ସ୍ଥିତି ଏବେ ଟଳମଳ ହେଉଛି। ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ନାଁ ଏପଷ୍ଟିନ୍ ଫାଇଲରେ ରହିଛି। ବ୍ରିଟେନରେ ରାଜକୁମାର ଆଣ୍ଡ୍ରୁ ରାଜପରିବାରରୁ ତଡ଼ା ଖାଇଥିବାବେଳେ ପୂର୍ବତନ ରାଷ୍ଟ୍ରଦୂତ ପିଟର ମାଣ୍ଡେଲସନଙ୍କୁ ହାଉସ ଅଫ୍ ଲର୍ଡସରୁ ଇସ୍ତଫା ଦେବାକୁ ପଡ଼ିଛି। ମାଣ୍ଡେଲସନଙ୍କ ବିରୋଧରେ ଏବେ ଆପରାଧିକ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ବ୍ରିଟିସ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ମାଣ୍ଡେଲସନଙ୍କ ନିଯୁକ୍ତିକୁ ନେଇ ବିବାଦର ସମ୍ମୁଖୀନ ହୋଇଛନ୍ତି। ନରୱେରେ ପୂର୍ବତନ ପ୍ରଧାନମନ୍ତ୍ରୀ ଥୋରବଜର୍ନ ଜଗଲ୍ୟାଣ୍ଡଙ୍କ ବିରୋଧରେ ଦୁର୍ନୀତି ନେଇ ତଦନ୍ତ ଆରମ୍ଭ ହୋଇଛି। ନରେୱ ରାଜପରିବାର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି। ରାଜକୁମାରୀ ମେଟେ ମାରିଟ୍‌ଙ୍କ ନାଁ ଏପ୍ଷ୍ଟିନ୍ ଫାଇଲରେ ଅତିକମ୍‌ରେ ୧୦୦୦ ଥର ବ୍ୟବହାର ହୋଇଛି। ଏପ୍ଷ୍ଟିନ୍ ଫାଇଲରେ ନାଁ ଆସିବା ଯୋଗୁ ସ୍ଲୋଭାକିଆର ପୂର୍ବତନ ବିଦେଶ ମନ୍ତ୍ରୀ ମିରୋସ୍ଲାଭ ଲାଜକାକ୍‌ଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା ପଦରୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ୱିଡେନରେ ଜାତିସଂଘ ଅଧିକାରୀ ଜୋଆନା ରୁବିନଷ୍ଟାଇନ ୨୦୧୨ ମସିହାରେ ଏପ୍ଷ୍ଟିନ୍‌ଙ୍କ କାରିବିଆନ ଦ୍ୱୀପ ଗସ୍ତରେ ଯାଇଥିବା ଜଣାପଡ଼ିବା ପରେ ଇସ୍ତଫା ଦେଇଥିଲେ।

